

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୪୩ ● ୧୦ ମାର୍ଚ୍ଚ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-43 ● 10th March 2025, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ୧୨ ବର୍ଷ ପରେ ପୁଣି ଥରେ ଚାମ୍ପିଅନ୍ସ ଟ୍ରଫି ଉଠାଇଲା ଭାରତ

**ଦୁବାଇ, ୯।୩**

ଫାଇନାଲର ପ୍ରତିଶୋଧ ଫାଇନାଲରେ ପୂରଣ। ୨୫ ବର୍ଷ ତଳର ବଦଲା ନେଲା ଟିମ୍ ଇଣ୍ଡିଆ। ୧୨ ବର୍ଷ ପରେ ପୁଣି ଥରେ ଚାମ୍ପିଅନ୍ସ ଟ୍ରଫି ଉଠାଇଲା ଭାରତ। ବର୍ମିଂହମ ପରେ ଦୁବାଇରେ ହେଲା ଚାମ୍ପିଅନ୍ସ ଟ୍ରଫି ୱିନର। ଟୁର୍ଣ୍ଣାମେଣ୍ଟରେ ଅପରାଜୟ ଭାରତ ରୋମାଞ୍ଚକର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ତୃତୀୟ ଥର ପାଇଁ ଚାମ୍ପିଅନ୍ସ ଟ୍ରଫି ବିଜେତା ହୋଇଛି। ୨୫୨ ରନ୍ ଲକ୍ଷ୍ୟ ପିଛା କରି ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡକୁ ୪ ୱିକେଟରେ ପରାସ୍ତ କରି କପ୍ ଉଠାଇଛି। ଫାଇନାଲ୍‌ରେ ରୋହିତଙ୍କ ୭୬ ରନ୍ ଇନିଂସ ଓ ଜାଡ଼େଜାଙ୍କ ବ୍ୟାଟ୍‌ରୁ ବାହାରିଥିବା ୱିନିଂ ଫୋର୍ ଅବିସ୍ମରଣୀୟ ହୋଇ ରହିବ। ସେହିପରି କୁଳଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂ ବି କ୍ରିକେଟ୍ ପ୍ରେମୀଙ୍କ ମନରେ ଅଭୁଲା ରହିବ।

ଭାରତ ପକ୍ଷରୁ ରୋହିତ ଶର୍ମା ୭୬, ଶୁବମନ ଗିଲ୍ ୩୧, ବିରାଟ କୋହଲି ୧, ଶ୍ରେୟସ ଆୟାର ୪୮, ଅକ୍ଷର ପଟେଲ ୨୯, ହାର୍ଦ୍ଦିକ ପାଣ୍ଡିଆ ୪ ରନ କରିଥିବା ବେଳେ କେ.ଏଲ. ରାହୁଲ ୩୪ ଏବଂ ରବୀନ୍ଦ୍ର ଜାଡ଼େଜା ୯ ରନ ସ୍କୋର କରି ଭାରତକୁ ବିଜୟୀ କରାଇଥିଲେ।

ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ରବିବାର ଫାଇନାଲ ମ୍ୟାଚରେ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି



ନେଇଥିଲେ। ଆମନ୍ତ୍ରଣ ପାଇ ଭାରତ ବୋଲିଂ ଆରମ୍ଭ କରିଥିଲା। ଭାରତର ଦମ୍‌ଦାର ବୋଲିଂ ଆଗରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୫୧ ରନ୍‌ରେ ଅଟକି ଯାଇଥିଲା।

ଆମନ୍ତ୍ରଣ ପାଇ ଭାରତ ବୋଲିଂ ଆରମ୍ଭ କରିଥିଲା। ନ୍ୟୁଜିଲାଣ୍ଡର ଦୁଇ ଓପନର ୱିଲ ୟଙ୍ଗ ଏବଂ ରାଚିନ ରବୀନ୍ଦ୍ର ପଡ଼ିଆକୁ ଓହ୍ଲାଇ ଦଳ ପାଇଁ ପ୍ରାରମ୍ଭିକ ଭଲ କରିଥିଲେ। ହେଲେ ବରୁଣ ଚକ୍ରବର୍ତ୍ତୀ ଏବଂ କୁଳଦୀପ ଯାଦବଙ୍କ ସ୍ପିନ ଯାଦୁ ଯୋଗୁ ମାତ୍ର ୩ ଓଭର ମଧ୍ୟରେ ନ୍ୟୁଜିଲାଣ୍ଡର ୩ ପ୍ରମୁଖ ବ୍ୟାଟର ପାଭିଲିୟନ ଫେରିଥିଲେ। ବରୁଣ ୱିଲ ୟଙ୍ଗଙ୍କୁ ଆଉଟ୍ କରିଥିବା ବେଳେ କୁଳଦୀପ ଯାଦବ ରଚିନ ରବୀନ୍ଦ୍ରଙ୍କୁ ଆଉଟ କରିଦେଇଥିଲେ।

ଏହାପରେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ୱିଲ ୟଙ୍ଗ ୧୫ ରନ୍ କରିଥିବା ବେଳେ ରାଚିନ ରବୀନ୍ଦ୍ର ୪ ଚୌକା ଏବଂ ୧ ଛକା ସହାୟତାରେ ୩୭ ରନ୍ କରିଥିଲେ। ଏପରିକି କେନ୍ ୱିଲିୟମସନ ୧୧ ରନ୍ କରି ପାଭିଲିୟନ ଫେରିଥିଲେ। ହେଲେ ଡାରିଲ ମିଚେଲ ଧୈର୍ଯ୍ୟର ସହ ଖେଳି ୧୦୧ ବଲ୍‌ରେ ୬୩ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ଥିଲେ। ୱିକେଟ କିପର ଟମ୍ ଲାଥାମ ୧୧ରନ୍ କରିଥିବା ବେଳେ ଶେଷ ବେଳକୁ ମାଇକେଲ ବ୍ରେସୱେଲ ଦମ୍‌ଦାର ବ୍ୟାଟିଂ କରି ୫୩ ରନ୍‌ର ନଟ୍ ଆଉଟ୍ ଇନିଂସ ଖେଳିଥିଲେ। ଅଧିନାୟକ ମିଚେଲ ସାଣ୍ଟନର (ପୃଷ୍ଠା ୭ରେ)

## ମନ୍ତ୍ରୀଙ୍କ ନିର୍ଦ୍ଦେଶ : ବଢୁଛି ଖରା ଶୀଘ୍ର ସଜାଡ଼ ନଳକୂପ

**ଭୁବନେଶ୍ୱର, ୯।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଅଚଳ ନଳକୂପକୁ ସଚଳ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ରବି ନାଏକ। ୭୧ ଜନସଂଖ୍ୟା ବିଶିଷ୍ଟ ଗାଁରେ ନୂଆ ନଳକୂପ ଖନନ ହେବ। ବସୁଧା ଯୋଜନାରେ ସୋଲାର ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତସ୍ତରରେ ଜଳଛତ୍ର ଖୋଲିବାକୁ ଚିଠି କରାଯାଇଥିବା କହିଛନ୍ତି। ମେଗା ପାନୀୟ ଜଳ ପ୍ରକଳ୍ପ କାମ ଠିକ ସମୟରେ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ସେ କହିଛନ୍ତି।

## ଏକାଳ ପଖାଳ



ଯିଏ ଯେତେବଡ ଯିଏ ବି ହେଲେ
ମା'ମାଟି ପାଖେ ଛୋଟ
କଥାକୁ ମାର୍ଜିତ ନକରିପାରିଲେ
ଲାଗିଯିବ ନିଶ୍ଚେ ନାଟ
ଏବେ ଚର୍ଚ୍ଚା ବାଟଘାଟ
ରାଇଜ ବିଭାଗ ଭାବନାରେ ଯାଙ୍କ
ଭରିରହିଥିଲା ପେଟ।

## ଆନନ୍ଦପୁର ଉପଖଣ୍ଡ ପାଇଁ ପ୍ରାୟ ୪୨ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ




**ଆନନ୍ଦପୁର, ୯।୩ : ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ଆନନ୍ଦପୁର ମହାବିଦ୍ୟାଳୟର ୬୧ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଉପଖଣ୍ଡ ପାଇଁ ପ୍ରାୟ ୪୨ କୋଟି ଟଙ୍କାର ୧୬ ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିବା ବେଳେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପ୍ରାୟ ୧୧୮ କୋଟି ଟଙ୍କା ବ୍ୟୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆନନ୍ଦପୁର ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ, ମଲ୍ଟି ପର୍ପୋଜ ହଲ ନିର୍ମାଣ, ସେମିନାର ହଲ ନିର୍ମାଣ, ଖେଳପଡିଆର ଉନ୍ନତିକରଣ ନିମନ୍ତେ ୭ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏହାକୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ବେଳେ ଆନନ୍ଦପୁର ଠାରେ ଷ୍ଟାଡିୟମର ପୂର୍ଣ୍ଣାଙ୍ଗ କଳେବର ପାଇଁ ୨୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆନନ୍ଦପୁର ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଅନନ୍ୟ। ପ୍ରତିବର୍ଷ ଏହି ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପରୀକ୍ଷାଗୁଡ଼ିକରେ ବିଭିନ୍ନ ବିଷୟରେ ପ୍ରତିଭାବାନ ଛାତ୍ରଛାତ୍ରୀମାନେ ଶୀର୍ଷତମ ସ୍ଥାନ ଅଧିକାର କରି ଏହି ଅନୁଷ୍ଠାନର ଗାରିମାକୁ ବହୁଗୁଣିତ କରିଛନ୍ତି। ଏପରି ଏକ ମହାନ ଅନୁଷ୍ଠାନରେ ମୁଁ ଅଧ୍ୟୟନ କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ମହାବିଦ୍ୟାଳୟରେ ପଢୁଥିବା ସମୟର ସ୍ମୃତିକୁ ମନେ ପକାଇଥିଲେ। ନିଜ ପୁରାତନ ଶିକ୍ଷକ ଓ ବନ୍ଧୁ ମାନଙ୍କ (ପୃଷ୍ଠା ୭ରେ)

## ୬ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କଲେ ସ୍ୱତନ୍ତ୍ର ରିଲିଫ କମିଶନର

**ଭୁବନେଶ୍ୱର, ୯।୩**
**ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଆଗାମୀ ୪-୫ ଦିନ ମଧ୍ୟରେ ସାରା ଓଡ଼ିଶାରେ ତାପମାତ୍ରା ଧୀରେ ଧୀରେ ୩-୫ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା



ଅନ୍ତର୍ଗତ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି) ଜିଲ୍ଲାପାଳମାନଙ୍କୁ ସତର୍କ ସୂଚନା ଜାରି କରିଛନ୍ତି।

ବିପଦରେ ଥିବା ୬ ଜିଲ୍ଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ ଏବଂ ବଲାଙ୍ଗୀର ଅନ୍ତର୍ଭୁକ୍ତ। ଏସବୁ ଜିଲ୍ଲାରେ ତାପମାତ୍ରା ରବିବାର ୩୭ ଡିଗ୍ରୀ ସେଲସିୟସ ଏବଂ ତା'ଠାରୁ ଅଧିକ ପହଞ୍ଚିସାରିଛି। (ପୃଷ୍ଠା ୭ରେ)

## ପରଲୋକରେ ଭୋଗରାଇର ପୂର୍ବତନ ବିଧାୟକ ଅନନ୍ତ ଦାସ



**ଜଳେଶ୍ୱର, ୯।୩ : ନ୍ୟୁଜ୍ ବ୍ୟୁରୋ**

ରବିବାର ଭୋର ୪ଟା ବେଳେ ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇର ପୂର୍ବତନ ବିଧାୟକ ଅନନ୍ତ ଦାସଙ୍କ ପରଲୋକ ହୋଇଯାଇଛି ବୋଲି ତାଙ୍କ ପୁତ୍ର ଅଭିଜିତ ଦାସ ସୂଚନା ଦେଇଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ଅନନ୍ତ ଗତ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ତାଙ୍କର ପରଲୋକ ହୋଇଛି।

୧୯୪୦ ମସିହା ଅଗଷ୍ଟ ୨୮ (ପୃଷ୍ଠା ୭ରେ)

## ଏବେ ଶିମଳା ଆକାଶରେ ଚକ୍କର କାଟୁଛି ସୁନୀତା ୱିଲିୟମସଙ୍କ ସ୍ପେସ ଷ୍ଟେସନ



**ୱାଶିଂଟନ, ୯।୩**

ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସାର ମହାକାଶଚାରୀ ସୁନୀତା ୱିଲିୟମସ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ୍)ରେ ହିମାଚଳ ପ୍ରଦେଶ ରାଜଧାନୀ ଶିମଳା ଆକାଶ ଉପରେ ଏବେ ଚକ୍କର କାଟୁଛନ୍ତି। ନାସା ଏହାର ସମୟସାରଣୀ ଜାରି କରିଛି। ଯଦି ଆକାଶ ସଫା ରହେ ଆଇଏସଏସକୁ ଶିମଳା ଆକାଶ ଉପରେ ସର୍ବାଧିକ ୬ ମିନିଟ ପର୍ଯ୍ୟନ୍ତ ଦେଖାଯାଇ ପାରିବ। ଏହା ୯ ମାର୍ଚ୍ଚ ସନ୍ଧ୍ୟାରୁ ୧୫ ମାର୍ଚ୍ଚ ପର୍ଯ୍ୟନ୍ତ ଶିମଳା ଆକାଶରେ ଦେଖାଯାଇ ପାରିବ।

ପର୍ଯ୍ୟଟକ, ସାଧାରଣ ଲୋକେ ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆଇଏସଏସକୁ ଆକାଶରେ ଦେଖିବା ରୋମାଞ୍ଚକର ଅନୁଭୂତି ହେବ। ଏହି ଝଟକୁଥିବା ଚଳନ୍ତା ତାରାକୁ ଖାଲି ଆଖିରେ ମଧ ଦେଖାଯାଇ ପାରିବ। ଆଇଏସଏସ ପୃଥିବୀରୁ ୪୦୦ କିଲୋମିଟର ଉପରେ ମହାକାଶରେ ପୃଥିବୀକୁ ପ୍ରଦକ୍ଷିଣ କରୁଛି। ନାସା ଅନୁସାରେ ୯ ମାର୍ଚ୍ଚ ସନ୍ଧ୍ୟା ୭ଟା୧୬ ମିନିଟରେ ଆଇଏସଏସକୁ ଦକ୍ଷିଣ-ଦକ୍ଷିଣ-ପୂର୍ବ ଦିଗରୁ ଦକ୍ଷିଣ-ପୂର୍ବ ଦିଗକୁ ଯାଉଥିବାର ଦେଖାଯାଇଥିଲା। (ପୃଷ୍ଠା ୭ରେ)



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ମାର୍ଚ୍ଚ, ସୋମବାର ୨୦୨୫





# ନୈତିକ ମୂଲ୍ୟବୋଧ ଓ ଗୋଷ୍ଠୀ ବିକାଶ ନେଇ 'ଟିପିଏସ୍‌ଓଡିଏଲ୍' ପ୍ରତିବଦ୍ଧ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ବ୍ରହ୍ମପୁର, ମାର୍ଚ୍ଚ: ଟିପିଏସ୍‌ଓଡିଏଲ୍ ପକ୍ଷରୁ ଭାରତୀୟ ଶିଳ୍ପ ଜଗତର ପୁରୋଧା ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ୧୮୬ତମ ଜନ୍ମ ବାର୍ଷିକୀ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ଜେଏନ ଟାଟାଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରିବା ସହ ନୈତିକତା ଏବଂ ସଚୋଟତା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । କମ୍ପାନୀର କର୍ପୋରେଟ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଜାମସେଦଜୀ ନୁସରୱାନଜୀ ଟାଟାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହାପରେ ଉପସ୍ଥିତ କର୍ମଚାରୀମାନେ ନୈତିକତା ଶପଥ ନେବା ସହ ବ୍ୟକ୍ତିଗତ ଏବଂ ପେଶାଦାର ଜୀବନରେ ସଚୋଟତା, ସାଧୁତା ଏବଂ ସ୍ୱଚ୍ଛତା ବଜାୟ ରଖିବାକୁ ପ୍ରତିଜ୍ଞା ନେଇଥିଲେ । ଏହି ଅବସରରେ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍‌ଓଡିଏଲର ପ୍ରତ୍ୟେକ କାମରେ ନୈତିକତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ । ଆମ ସଫଳତା କେବଳ ବ୍ୟାବସାୟିକ ଅଭିବୃଦ୍ଧିରେ ଆକଳନ ହୁଏ ନାହିଁ, ବରଂ ଆମର ସାଧୁତା ଏବଂ ସଚ୍ଚୋଟତା ଯୋଗୁଁ ତିଆରି ହୋଇଥିବା ଉପଭୋକ୍ତାଙ୍କ ବିଶ୍ୱାସ ଉପରେ ଏହା ଆଧାରିତ । ଜାମସେଦଜୀ ନୁସରୱାନଜୀ ଟାଟା ନୈତିକ ନେତୃତ୍ୱର ଏକ ସର୍ବୋଚ୍ଚ ମାନଦଣ୍ଡ ଛାଡ଼ି ଯାଇଛନ୍ତି ଏବଂ ସେହି ପଥରେ ଆଗକୁ ବଢ଼ିବା ଆମର କର୍ତ୍ତବ୍ୟ ।' ଏହାସହ ଟିପିଏସ୍‌ଓଡିଏଲ୍ ପକ୍ଷରୁ ବ୍ରହ୍ମପୁର ସ୍ଥିତ ହେଲେନ କେଲର୍ ରେଡ କ୍ରସ ସ୍କୁଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଶ୍ୱ ଶ୍ରବଣ ଦିବସ ଅବସରରେ କମ୍ପାନୀ ତରଫରୁ ଟାଟା ସ୍ୱେଚ୍ଛାସେବୀ ସପ୍ତାହର ଆରମ୍ଭ କରାଯାଇଛି । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏଠାରେ ଆୟୋଜିତ ଚିତ୍ର ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ସେମାନଙ୍କ ସୃଜନଶୀଳତା ପ୍ରଦର୍ଶନ କରିଥିଲେ । ମ୍ୟାଡାମ ସିଇଓ ମଞ୍ଜୁ ଗର୍ଗ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ପିଲାଙ୍କ ସହ ସମୟ ବିତାଇଥିଲେ ଏବଂ ସେମାନଙ୍କୁ ପ୍ରୋତ୍ସାହିତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ନୈତିକ ମୂଲ୍ୟବୋଧ ଓ ଗୋଷ୍ଠୀ ବିକାଶ ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ ରହିଆସିଛି ଏବଂ ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସମାବେଶୀ ଓ ଦାୟିତ୍ୱବାନ ସମାଜ ଗଠନ କରିବା ପାଇଁ ପ୍ରୟାସ କରୁଅଛି ।

# ଜିଲ୍ଲା କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି : ୧୬୭ଟି ଅଭିଯୋଗ ଆଗତ



**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଚଳିତ ମାର୍ଚ୍ଚ ମାସର ପ୍ରଥମ ସୋମବାର ଦିନ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଏ.ଏସ୍.ପି. ବାସୁଦେବ ସ୍ୱାଇଁ ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୬୭ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରେ ୧୩୮ ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ସମସ୍ୟା ମୂଳକ ଅଭିଯୋଗ ଥିଲା । ରେଡ଼କ୍ରସ୍ ସମ୍ବନ୍ଧୀୟ ୫ ଜଣ ଆବେଦନକାରୀଙ୍କୁ ୨୪ ହଜାର ଏବଂ ୨ ଜଣ ଆବେଦନକାରୀଙ୍କୁ ସି.ଏମ୍.ଆର୍. ଏଫ୍. ରୁ ୧୭,୫୦୦ ସମୁଦାୟ ୪୧ ହଜାର ୫ ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି । ୪୪ଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଛି । ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଶାନ୍ତନୁ ମହାନ୍ତି, ଜିଲ୍ଲା ପରିଷଦ ଭଦ୍ରକର ମୁଖ୍ୟ ବିକାଶ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଜନାଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଜନାଭିଯୋଗ ସମାଧାନ ପାଇଁ ଜିଲ୍ଲାପାଳଙ୍କ ଆବଶ୍ୟକ ମତେ ତଥ୍ୟ ଉପସ୍ଥାପନ କରିଥିଲେ ।

# କଳିଙ୍ଗ ଷ୍ଟୁଡ଼ିଓ ଛକରୁ ସମ୍ ହସ୍ପିଟାଲ ରାସ୍ତା ଶୋଚନୀୟ : ପ୍ରତିବାଦରେ ଛାତ୍ର କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀର କଳିଙ୍ଗ ଷ୍ଟୁଡ଼ିଓ ଛକଠାରୁ ସମ୍ ହସ୍ପିଟାଲକୁ ସଂଯୋଗ କରୁଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି । ଖରାଦିନେ ମଧ୍ୟ ରାସ୍ତାରେ ପାଣି ଜମୁଛି । ଫଳରେ ଜନସାଧାରଣଙ୍କ ଯାତାୟାତରେ ବଡ଼ ସମସ୍ୟା ସୃଷ୍ଟି ହେଉଛି । ଏପରିକି ସମ୍ ହସ୍ପିଟାଲକୁ ଆସୁଥିବା ରୋଗୀମାନେ ଏବଂ ଆମ୍ବୁଲାନ୍ସ ଯାତାୟାତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଏଠାରୁ ଜଳ ନିଷ୍କାସନ ପାଇଁ ସରକାରଙ୍କ ତରଫରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରୁ ପାଣି ଟ୍ୟାଙ୍କର ସାହାଯ୍ୟରେ ଖାଲି କରାଯାଉଛି ଯାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏହାର ପ୍ରତିବାଦରେ ସୋମବାର ଛାତ୍ର କଂଗ୍ରେସ ତରଫରୁ ସିଦ୍ଧାନ୍ତ ଓମ୍ ପ୍ରକାଶଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବକ୍ଷୋଭରେ ଦେବଦତ୍ତ ଦାସ, ବବୁଲ ବେହେରା, ତପନ ଆଚାର୍ଯ୍ୟ, ବିଜୟ କୁମାର ବିଶ୍ୱାଳ, ଆଶିଷ କୁମାର, ରୋହନ ରଥ, ଅଂଶୁମାନ ପଟ୍ଟନାୟକ ପ୍ରମୁଖ ସାମିଲ୍ ହୋଇଥିଲେ । ଯଦି ସରକାର ଏହି ସମସ୍ୟାର ସମାଧାନ ପାଇଁ ଉଚିତ୍ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି କୁହାଯାଇଛି ।

# ୨୬ ଲକ୍ଷ ୬୨ ହଜାର ଟଙ୍କା ହଡ଼ପ ଅଭିଯୋଗ : କ୍ୟାଡରମାନଙ୍କୁ ମିଳୁନି ଦରମା

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**



ଲକ୍ଷେ କି ଦୁଇ ଲକ୍ଷ ନୁହେଁ ପ୍ରାୟ ୨୬ ଲକ୍ଷ ୬୨ ହଜାର ଟଙ୍କା ନେଇ ଚମ୍ପଟ ମାରିଲେ ଏମବିକେ, ଆଉ ଫଳ ଭୋଗିଲେ କ୍ୟାଡ଼ରମାନେ । ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ୍ ଗିରିସୋଲା ପଞ୍ଚାୟତରେ । ଗିରିସୋଲା ପଞ୍ଚାୟତ ସ୍ତରୀୟ ମହାସଂଘର ୩ଟି ଆକାଉଣ୍ଟରୁ ୪ ବର୍ଷ ପୂର୍ବେ ୨୬ ଲକ୍ଷ ୬୨ ହଜାର ଟଙ୍କା ହଡ଼ପ ହୋଇଥିବା ଉକ୍ତ ମହାସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା । ତେବେ ଦୀର୍ଘ ୪ ବର୍ଷ ପରେ ବି ଏହାର ଉପଯୁକ୍ତ ତଦନ୍ତ ନକରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଅପରପକ୍ଷରେ ଉକ୍ତ ମହାସଂଘର ସଭାନେତ୍ରୀ, ସମ୍ପାଦିକା ସମେତ ୧୦ ଜଣ ସିଆରପି, ୩ କୃଷି ମିତ୍ର, ୨ ପ୍ରାଣୀ ମିତ୍ର ଓ ଜଣେ ବ୍ୟାଙ୍କ ମିତ୍ରଙ୍କ ଦରମା ବନ୍ଦ କରିଦିଆଯାଇଛି । ଏହାଦ୍ୱାରା ପରିବାର ପ୍ରତିପୋଷଣ କରିବା ଅସୁବିଧା ହେଉଥିବା ଏମାନେ କହିଛନ୍ତି । ଏସମ୍ପର୍କରେ ବିଡିଓ, ବିପିଏମ, ଡିପିଏମ, ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନି । ଏନେଇ ପୁଣି ସୋମବାର ମହାସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଏସମ୍ପର୍କରେ ନିବେଦନ କରାଯାଇଛି ।

# ମନରେଗା ଯୋଜନାରେ ଦୁର୍ନୀତି ଅଭିଯୋଗ ଆଣିଲେ ଗ୍ରାମବାସୀ



**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ନନ୍ଦପୁର ବ୍ଲକ ଅନ୍ତର୍ଗତ ଖୁର୍ଜୀ ପଞ୍ଚାୟତର ବଡ଼ପଦର୍ ଓ କଟଲାପୁଟ ଗାଁରେ ମନରେଗା ଯୋଜନାରେ ମହାଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି । ଏହି ଦୁଇ ଗାଁରେ ମନରେଗା ଯୋଜନାରେ ୨୦୨୩/୨୪ ଆର୍ଥିକ ବର୍ଷରେ ଚାଷୀଙ୍କ ନିମନ୍ତେ ୫ ଲକ୍ଷ ଟଙ୍କା ଲେଖାଏଁ ଦୁଇଟି ମାଟି ଫିଲ୍ଡ ଚ୍ୟାନେଲ ନିର୍ମାଣ ନିମନ୍ତେ ବ୍ୟୟ ବରାଦ କରାଯାଇଥିଲା । ଏହି ଫିଲ୍ଡ ଚ୍ୟାନେଲ ଉପଯୋଗୀ ସ୍ଥାନରେ ନିର୍ମାଣ ନ କରି ବଡ଼ ପଦର ଗାଁର ୱାର୍ଡ଼ ସଭ୍ୟାଙ୍କ ସ୍ୱାମୀ ଯନ୍ତ୍ରୀ ଓ ଏପିଓଙ୍କୁ ହାତ କରି ମୁଖ୍ୟ ରାସ୍ତା କଡ଼ରେ ଥିବା ପୂର୍ବର ପୁରୁଣା ନାଳର ମାଟିକୁ ମରମତି କରି ଟଙ୍କା ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନକଲି ଶ୍ରମିକମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଟ୍ରାନ୍ସଫର କରି ପରେ ସେହି ଟଙ୍କାକୁ ତଦାରଖ କରୁଥିବା ବ୍ୟକ୍ତି ଓ ଜିଆରଏସ ଏବଂ ଏଡିଏଓ ଭାଗବଣ୍ଟା କରୁଥିବା ପ୍ରକାଶ କରିଛନ୍ତି । ମାତ୍ର କିଛି ଟଙ୍କା ଖର୍ଚ୍ଚ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର କରି ସରକାରୀ ଅର୍ଥର ହରିଲୁଟ୍ ହେଉଛି । ସେହିପରି କଟଲାପୁଟ ଗାଁରେ ମଧ୍ୟ ପୁରୁଣା ମାଟି ନାଳକୁ ସଫାକରି ନୂଆ ରୂପ ଦେଇ ସେହି ଏକା ଢଙ୍ଗରେ ଟଙ୍କା ଉଠାଣ କରି ହରିଲୁଟ୍ କରାଯାଉଛି । ଏହି ଦୁଇଟି ପୁରୁଣା ନାଳରୁ ମାଟି ସଫା କରି ଏହାକୁ ନୂଆ ରୂପ ଦେଇ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରାଯାଉଛି । ଚାଷୀଙ୍କ ପାଣି ଯୋଗାଣ ନିମନ୍ତେ ଏହି ଫିଲ୍ଡ ଚ୍ୟାନେଲ ନିର୍ମାଣ ନ କରି ଶୁଖିଲା ଜାଗାର ପୁରୁଣା ମାଟି ନାଳକୁ ନୂଆ ରୂପ ଦେବାରେ ସଂପୃକ୍ତ ଯନ୍ତ୍ରୀ, ଏପିଓ ଓ ପଞ୍ଚାୟତ କର୍ମଚାରୀମାନେ ମଧ୍ୟ ଜାଣି ଶୁଣି କାମ ତଦାରଖ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସହଯୋଗ କରୁଛନ୍ତି । ଏ ବିଷୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ । କହିଛନ୍ତି ମୋ ପାଖରେ ଖବର ନାହିଁ । ତଦନ୍ତ ପରେ ସତ୍ୟ ଘଟଣା ଜଣା ପଡ଼ିବ ।

# ଦୋକାନକୁ ଧକ୍କା ଦେଲା କାର୍ : ୩ ଗୁରୁତର

**ସାଲେପୁର, ନ୍ୟୁଜ୍‌ବ୍ୟୁରୋ**



ଭୋର ସମୟରେ ଏକ କାର୍ ଯୋଗେ ପୁରୀ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି ୩ ଜଣ ଯୁବକ । ଖଇରା ବ୍ରିଜ୍‌ରୁ ଜଗତପୁର ଗୋଲେଇ ଛକ ଅଭିମୁଖେ କାର୍‌ରେ ଯାଉଥିବା ସମୟରେ ଘଟିଛି ଏଭଳି ଭୟଙ୍କର ଦୁର୍ଘଟଣା । ଦ୍ରୁତ ଗତିରେ କାର୍‌ଟି ଯାଉଥିବା ଯୋଗୁଁ ଭାରସାମ୍ୟ ହରାଇ କାର୍ ଡ୍ରାଇଭର ଗୋଟିଏ ଦୋକାନକୁ ଧକ୍କା ଦେଇଥିଲା । କାର୍‌ରେ ଭିତରେ ଥିଲେ ଚମ୍ପତି ପଞ୍ଚାୟତର ୨ଜଣ ଓ ଅନ୍ୟ ଜଣେ ମୁତାରିଙ୍ଗା ପଞ୍ଚାୟତ ପଦ୍ମପୁର ଅଞ୍ଚଳର । ଦୁର୍ଘଟଣାରେ କାର୍ ଡ୍ରାଇଭର ଆହତ ହୋଇଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି । ଏହି ଦୁର୍ଘଟଣା ଭୋର ସମୟରେ ଘଟିଥିଲେ ହେଁ ଦ୍ରୁତ ଗତି ଯୋଗୁଁ କାର୍‌ଟି ଭାରସାମ୍ୟ ହରାଇ ଏକ ଦୋକାନ ଦେହରେ ପିଟି ହୋଇଥିଲା ।

# ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ମହିଳାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ସଂଗଠନ ତଥା ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ବିଭାଗ ତରଫରୁ ଗଙ୍ଗାଧର କ୍ଲବ୍ ସାଗରପାଲି ଠାରେ ଆର୍ଥିକ ଆନ୍ତର୍ଭୁକ୍ତିକରଣ ଓ ସାକ୍ଷରତା ତଥା ସୁକନ୍ୟା ଗ୍ରାମ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ମଙ୍ଗଳ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲିସ ନିରୀକ୍ଷକ ସୁବର୍ଣ୍ଣପୁର ଡି.ସି.ଆର.ବି ରମେଶ କୁମାର ମାହାନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସାଇବର ଠକେଇ ପ୍ରତି ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇ କୌଣସି ପ୍ରକାର ପ୍ରଲୋଭନରେ ବଶବର୍ତ୍ତୀ ନହେବାକୁ କହିଥିଲେ । ଜିଲ୍ଲା ସଞ୍ଚୟ ଅଧିକାରୀ ମଙ୍ଗଳ ପ୍ରଧାନ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଓ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଓ ଉପାଦେୟତା ଉପରେ ବିସ୍ତୃତଭାବେ ଉପସ୍ଥାପନା କରି ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ପୁନଶ୍ଚ ପ୍ରତ୍ୟେକ ପରିବାର ନିଜର ଆୟରୁ ପ୍ରଥମ ଖର୍ଚ୍ଚ ସଞ୍ଚୟ କରିବାକୁ ପରାମର୍ଶ ଦେଇଥିଲେ । ଚଳିତ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୫ର ବିଷୟବସ୍ତୁ 'ଆର୍ଥିକ ବୁଦ୍ଧିମତା ଯାହାରି, ସେ ସମୃଦ୍ଧ ନାରୀ' ବିଷୟରେ ବୈଠକରେ ବିଶେଷ ଆଲୋଚନା ହୋଇଥିଲା । ସମ୍ମାନିତ ଅତିଥିଭାବେ ସହକାରୀ ଡାକ ଅଧିକ୍ଷକ ବଲାଙ୍ଗୀର କାର୍ତ୍ତିକ ଚନ୍ଦ୍ର ଦାସ ଯୋଗ ଦାନ କରି ସୁକନ୍ୟା ସମୃଦ୍ଧି ଯୋଜନାର ବିଶେଷତା ସହ ଲାଭ ଉପରେ ଆଲୋକପାତ କରିଥିଲେ । ଭାରତୀୟ ପୋଷ୍ଟାଲ ପେମେଣ୍ଟ ମ୍ୟାନେଜର ସତ୍ୟବ୍ରତ ପ୍ରଧାନ ନିଜର କଷ୍ଟ ଉପାର୍ଜିତ ଧନକୁ ସଞ୍ଚୟ ଓ ସୁରକ୍ଷିତ ରଖିବାପାଇଁ ଡାକଘର ଉତ୍ତମ ଓ ନିର୍ଭର ଯୋଗ୍ୟ ସ୍ଥାନବୋଲି କହିବା ସହିତ ଡାକଘର ପ୍ରଚଳିତ ବିଭିନ୍ନ ସରକାରୀ ଯୋଜନାର ଉପସ୍ଥାପନ କରିଥିଲେ । ସଞ୍ଜୟ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗୋପାଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପୋଷ୍ଟାଲ ଏଜେଣ୍ଟ ହିରଣ୍ମୟୀ ମେହେ୍ର, ଦିବ୍ୟାସିନୀ ମେହେର, ବିନୋଦିନୀ ମେହେର, ଅଞ୍ଜଳି ମହାନନ୍ଦ, ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ବିଭାଗ କର୍ମଚାରୀ ସଞ୍ଜୟ କୁମାର ବାରିକ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଗୃହିଣୀ ତଥା ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ ।

# ବିଭିନ୍ନ ସମସ୍ୟା ନେଇ ନଗରପାଳଙ୍କ ସହ ବ୍ୟବସାୟୀ ସଂଘର ଆଲୋଚନା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ବାରିପଦା ବ୍ୟବସାୟୀ ସଂଘ ତରଫରୁ ବାରିପଦା ସହରର ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଏକ ବରିଷ୍ଠ ପ୍ରତିନିଧି ମଣ୍ଡଳୀ ବାରିପଦା ପୌର-ପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ସାକ୍ଷାତ କରି ସମସ୍ୟାଗୁଡିକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମୁଖ୍ୟ ସମସ୍ୟା ମଧ୍ୟରେ (୧) ୨୦୦୩ ମସିହାରେ ଘଟିଯାଇ ଥିବା କୁମାର ଏଣ୍ଡ କୁମାର ବସ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟବସାୟୀମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ମୁଖ୍ୟ ବଜାର ସମ୍ମୁଖରେ ଏକ ସ୍ମୃତି ସ୍ତମ୍ଭ ନିର୍ମାଣ । (୨) ବାରିପଦା ସହରରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ହେତୁ ମୁଖ୍ୟ ମାର୍କେଟରେ ଦୈନିକ ତିନିରୁ ଚାରି ହଜାର ଲୋକଙ୍କ ସମାଗମ ସହିତ ଅନ୍ୟୁନ ୨୦୦ ଗୋଟି ଦୋକାନୀ ଭାଇମାନଙ୍କର ଶୌଚାଳୟ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ ନିମନ୍ତେ ଅନୁରୋଧ । (୩) ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ଟ୍ରାଫିକ ମାର୍କେଟ ହନୁମାନ ମନ୍ଦିର ନିକଟ କୂପର ପୁନରୁଦ୍ଧାର ଏବଂ ଟ୍ୟୁବ୍‌ୱେଲର ମରାମତି । (୪) କେ.ସି. ସର୍କଲ ଠାରୁ ବାଣ୍ଡିଆ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏବଂ କେ.ସି. ସର୍କଲ ଠାରୁ ପାଲବଣୀ ଗୋଲେଇ ପର୍ଯ୍ୟନ୍ତ ଦେୟମୁକ୍ତ ପାର୍କିଂ ସ୍ଥାନ ନିର୍ମାଣ କରିବା ଏବଂ (୫) ବ୍ୟବସାୟୀ ସଂଘର କାର୍ଯ୍ୟାଳୟ ନିମନ୍ତେ ଏକ ସ୍ଥାୟୀ ସ୍ଥାନ ଯୋଗାଇ ଦେବାର ବ୍ୟବସ୍ଥା କରିବା ପ୍ରମୁଖ । ଉକ୍ତ ପ୍ରତିନିଧି ମଣ୍ଡଳୀ ମଧ୍ୟରେ ବ୍ୟବସାୟୀ ସଂଘର ଅଧ୍ୟକ୍ଷ ପଦ୍ମନାଭ ପୃଷ୍ଟି, ସଭାପତି ଅମିତାଭ ସାହୁ, ସାଧାରଣ ସମ୍ପାଦକ ସରୋଜ କୁମାର ବୋଷ, ବରିଷ୍ଠ ଉପଦେଷ୍ଟା ସାମ୍ବାଦିକ ଡ. ଅକ୍ଷୟ କୁମାର ଅଗରୱାଲା, ଦୋଳଗୋବିନ୍ଦ ଦାଶ, ଅଶୋକ କୁମାର ସାହୁ, କିଶୋର ମହାପାତ୍ର, ଦୁର୍ଗା ଶଙ୍କର ମୋଦୀ, ଯୋଗେଶ୍ୱର ବେହେରା, ମନୋଜ ଷେଣ୍ଡ, କୃଷ୍ଣପ୍ରସାଦ ମହାନ୍ତି, ବାବୁଲାଲ କର୍ଣ୍ଣାନୀ, ଜୟନ୍ତ ଦୁଗର, ବ୍ରହ୍ମାନନ୍ଦ ସାହୁ, ସଞ୍ଜୟ ରାମ, ଜଗନ୍ନାଥ ପୃଷ୍ଟି, ଭବାନୀ ଶଙ୍କର ପୃଷ୍ଟି, ପୂର୍ଣ୍ଣାନନ୍ଦ ପରିଡ଼ା, ଦେବଦ ମହାନ୍ତି, ସୁଧାଂଶୁ ଶେଖର ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସର୍ବଶେଷରେ ନଗରପାଳଙ୍କ ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ଶୀଘ୍ର କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମିତ ଶିଶୁର ଉପଯୁକ୍ତ ଚିକିତ୍ସା ଓ ଯତ୍ନ ନେବାକୁ ପରାମର୍ଶ



**କଟକ, ନ୍ୟୁଜ୍‌ବ୍ୟୁରୋ**

ହୋପ୍ ଏଜ୍ ଟ୍ରଷ୍ଟ ପକ୍ଷରୁ ମରକତ ନଗର ସେକ୍ଟର ୭ସ୍ଥିତ ଆଶ୍ରୟ ଦି ସେଲଟର ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ମାନସ ରଞ୍ଜନ ଉପାଧ୍ୟାୟ ଏଥିରେ ଯୋଗ ଦେଇ କହିଲେ ଯେ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମିତ ଶିଶୁମାନଙ୍କୁ ଉପଯୁକ୍ତ ଚିକିତ୍ସା ଓ ଯତ୍ନ ଦ୍ୱାରା ବଞ୍ଚାଇ ରଖା ଯାଇପାରିବ । ତେବେ ଏଥି ପାଇଁ ଶିଶୁ ରୋଗ ଚିକିତ୍ସାଳୟ ଗୁଡିକୁ ଉନ୍ନତ ମାନର ଚିକିତ୍ସା ଉପକରଣ ଓ ଔଷଧପତ୍ର ଯୋଗାଇ ଦିଆଯିବା ଆବଶ୍ୟକ । ରାଜ୍ୟରେ ଶିଶୁ ମୃତ୍ୟୁ ହାର ଅଧିକରୁ ଅଧିକ ହ୍ରାସ କରିବାଲାଗି ବାପା ମା'ମାନଙ୍କ ମଧ୍ୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ । ଟ୍ରଷ୍ଟର ସଭାପତି କିଶୋର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଟ୍ରଷ୍ଟି ଡଃ ସତ୍ୟ ରାୟ, ଉପସଭାପତି ବିଜୟ କୁମାର ପୁଷ୍ଟି, ସଂପାଦକ ରଂଜିତ ସାହୁ, ସୁଜାତା ପଟ୍ଟନାୟକ, ବଂଶୀଧର ରାଉତ, ବୃନ୍ଦାବନ ଚନ୍ଦ୍ର ହୋତା, ଉତ୍କଳ ଭୂଷଣ ରାଉତରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ବାଣ ବିସ୍ଫୋରଣରେ ଦମ୍ପତି ଗୁରୁତର

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ଦେଉଳି ବଡ଼ସାହିରେ ଏକ ଭୟଙ୍କର ବାଣ ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ଦମ୍ପତି ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବେଗୁନିଆ ପରେ ଖୋର୍ଦ୍ଧା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ତେବେ ବିସ୍ଫୋରଣରେ ଆହତ ହୋଇଥିବା ଦମ୍ପତି ହେଲେ ଅଶୋକ କୁମାର ମଲିକ ଏବଂ ତାଙ୍କ ସ୍ତ୍ରୀ । ଦମ୍ପତି ଘରେ ବାଣ ଭିଡୁଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଅଶୋକଙ୍କ ଦୁଇ ବଖରା ଘରର ଆଜବେଷ୍ଟସ୍ ଉଡ଼ି ଯାଇଥିଲା ।

# ନୋସିରେ ଫେସ୍‌ବୁକ୍ କବିତାର ସୁବର୍ଣ୍ଣ ଆସର ସମାପନ

**ବାଲେଶ୍ୱର, ନ୍ୟୁଜ୍**




ନୋସୀ କଲଚୁରାଲ୍ ଏକାଡେମୀ ଓ ବାଲେଶ୍ୱର ଫେସବୁକ କବି ତରଫରୁ ଉତ୍କଳା ମୁକ୍ତମଞ୍ଚ ରେ ଫେସ୍‌ବୁକ୍ କବିତା ଆସରର ୫୦ତମ ସୁବର୍ଣ୍ଣ ଆସର ଦୁଇଦିନ ଧରି ଆଡ଼ମ୍ବରପୂର୍ଣ୍ଣ ଭାବରେ ପାଳିତ ହୋଇଯାଇଛି । ୨୦୧୬ମସିହା ଜୁନ୍ ମାସ ୧୬ତାରିଖରେ ଏହି ମାସିକ ଫେସ୍‌ବୁକ୍ କବିତା ଆସର ଶୁଭାରମ୍ଭ ହୋଇଥିଲା । ତେବେ ଏହି ଆସର ୫୦ତମ ଆସରରେ ପହଞ୍ଚିଛି । ଶନିବାର ସନ୍ଧ୍ୟାରେ ଏହି ଆସରକୁ ଆନୁଷ୍ଠାନିକ ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସନ୍ତୋଷ ତ୍ରିପାଠୀ ଉଦ୍ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବରେ ବରିଷ୍ଠ କବି ତଥା ପ୍ରକାଶକ ସମରେନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବରେ ଇମାମିର ଏଚଆରଜିଏମ ୟୁସୁଫ ସୋଲାଙ୍କି ଓ ଓରିପୋଲର ମୁଖ୍ୟ ଆକାଂକ୍ଷା ବେହେରା ଯୋଗ ଦାନ କରି କବି ଓ କବୟିତ୍ରୀମାନଙ୍କୁ ପ୍ରଶଂସା କରିଥିଲେ । ଆସରର ଆବାହକ ଶିଳ୍ପୀ କେଶୁ ଦାସ ମଞ୍ଚ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବର୍ଣ୍ଣ ଆସରର ସଭାପତି ଡ. ରତ୍ନାକର ସିଂହ ସଭାପତିତ୍ୱ କରିଥିଲେ । ରଞ୍ଜିତ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ । ଅପରାହ୍ନରେ ନବ କବିମାନଙ୍କ କବିତା ପାଠୋତ୍ସବକୁ ସଂଯୋଜକ ଗଗନ ସେଠୀ ଓ ମଧୁସୂଦନ ମିଶ୍ର ସଂଯୋଜନା କରିଥିଲେ । ସନ୍ଧ୍ୟାରେ ଉତ୍କଳାର ନୃତ୍ୟଗୀତ ଶିଳ୍ପୀ କୁମାର ଅତନୁ, କୁମାର ଜୀବନ, ରଶ୍ମୀ ରେଖା, ରୂପାଳୀ ଓ ଦୁର୍ଗେଶ୍ୱରୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ସେମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ଚାନ୍ଦିପୁର ଆଇଟିଆରର ଅତିରିକ୍ତ ନିର୍ଦ୍ଦେଶକ ଡଃ ନିଳାଦ୍ରୀ ରାୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା କବି ଅଭୟ ଦାସ, ସମ୍ମାନିତ ଅତିଥି ନୋସିର ଉପସଭାପତି ସୁବ୍ରତ ନାୟକ, ଶିଳ୍ପପତି ମୁକେଶ ପଟେଲ ଯୋଗ ଦେଇଥିଲେ । ସଞ୍ଚାଳକ ଗଗନ କୁମାର ସେଠୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଆବାହକ ଶିଳ୍ପୀ କେଶୁଦାସ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ସଭାରେ ସୁବର୍ଣ୍ଣ ଆସରର ସଭାପତି ଡଃ ରତ୍ନାକର ସିଂହ ପୌରୋହିତ୍ୟ କରିଥିବା ବେଳେ ସଂଯୋଜକ ରଣଜିତ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ କଲିକତାର ଉର୍ଦ୍ଦୁ କବି ଇର୍ଷାଦ ମଜହାରୀ, କଟକର ଡାକ୍ତର ଦେବାଶିଷ ଜ୍ୟୋଷୀ, ଭୁବନେଶ୍ୱରର ଡାକ୍ତର ଶୁଭ ଦାଶ, ଯାଜପୁରର ପୂର୍ଣ୍ଣ ଦାସ, ଢେଙ୍କାନାଳର ମୃତ୍ୟୁଞ୍ଜୟ ବେହେରା, ଭୁବନେଶ୍ୱରର ଅନିତା ରାୟ, ଭଦ୍ରକର ମନୋରଞ୍ଜନ ମୁଦୁଲି, ରାୟଗଡ଼ାର ଡା ସମୀକ୍ଷା ଦାଶ, ମୟୁରଭଞ୍ଜର ସୁଚରିତା ମହାନ୍ତି ଓ କେଉଁଝରର ମିଳନ ମିଶ୍ରଙ୍କୁ ତାଙ୍କର ଫେସ୍‌ବୁକ୍ ମାଧ୍ୟମରେ କବିତାକୁ ସମୃଦ୍ଧ କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଦେଇଥିବାରୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ୧୦ ଜଣଙ୍କର ମନୋଜ୍ଞ କବିତା ପାଠ ଆୟୋଜନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବର ପ୍ରାରମ୍ଭରେ ଫେସବୁକ କବିଙ୍କ କବିତା ପାଠୋତ୍ସବ ଓ ସନ୍ତୁର ବାଦକ ତପନ ବିଦ୍, ତବଲା ବାଦକ ମୁକେଶ ଦାସ, ହାରମୋନିୟମ ବାଦକ ନରୋତ୍ତମ ଜେନା ଓ ବଂଶୀ ବାଦକ ଓମ୍ ପ୍ରକାଶ ଗିରିଙ୍କ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ କବି ସତ୍ୟଭାମା ମୁଦୁଲିଂକ ରଚିତ 'ଏଇ ଆମ ସୁବର୍ଣ୍ଣ ଆସର' ସଙ୍ଗୀତକୁ ବିକର୍ତ୍ତନ ନାୟକଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ଡଃ ସମୀକ୍ଷା ଦାଶଙ୍କ ପୁସ୍ତକ 'ଲଗ୍ନଜିତା' ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା । ପ୍ରଭାତ ଆଚାର୍ଯ୍ୟ, ତୃପ୍ତି ପାତ୍ର, ସୁନାମଣି ଜେନା, ମମତା ଦାସ, ଝରଣା ମଲ୍ଲିକ, କୃଷ୍ଣା ପ୍ରଧାନ, ଶାନ୍ତି ପଣ୍ଡା, ସୁବ୍ରତା ମହାନ୍ତି, ଶାନ୍ତି ବିଶି, ରଞ୍ଜନ ଦାସ, ପ୍ରଭାକର ସାହୁ, ସୁଧାକର ସେଠୀ, ପ୍ରବୀର କମିଳା, ମାଳତୀ ଧଳ, ସ୍ନିଗ୍ଧା ସାମନ୍ତରାୟ, କଲ୍ୟାଣୀ ନନ୍ଦ, ଶାନ୍ତନୁ ପଟ୍ଟନାୟକ, ସମର ବଲ୍ଲଭ ଭୋଇ ସଦସ୍ୟ ସଦସ୍ୟା ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ କବିତା ପାଠ କରିଥିଲେ । ନୋସିର କର୍ମକର୍ତ୍ତାମାନେ ସୁଚାରୁରୂପେ ପରିଚାଳନା କରିଥିଲେ ।

# ଟିପିଏନ୍‌ଓ.ଡିଏଲ ପକ୍ଷରୁ ଫେମ୍ ଫିଏସ୍ଟା କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ପ୍ରଥମ ଫେମ୍ ଫିଏସ୍ଟା କାର୍ଯ୍ୟକ୍ରମର ସଫଳତା ପରେ, ଏହି ବର୍ଷ ମଧ୍ୟ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଟିପିଏନ୍‌ଓଡିଏଲ. ଭଦ୍ରକ ସର୍କଲ୍ ଦ୍ୱାରା 'ଫେମ୍ ଫିଏସ୍ଟା ୨.୦' ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ୨ ମାର୍ଚ୍ଚ ୨୦୨୫ରେ ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୧୫୦ରୁ ଅଧିକ କାର୍ଯ୍ୟରତ ମହିଳାମାନେ ଅଂଶଗ୍ରହଣ କରିଥିଲେ । ବିବିଧତା, ଅନ୍ତର୍ଭୁକ୍ତିକରଣ ଏବଂ ଗ୍ରାହକ ସନ୍ତୁଷ୍ଟି ପ୍ରତି ଟିପିଏନ୍‌ଓଡିଏଲର ଅଂଗୀକାର ସମ୍ପୃକ୍ତ 'ଫେମ୍ ଫିଏସ୍ଟା ୨.୦' ଆକ୍ସିଲେରେଟ୍ ଆକସନ୍ ଥିମ୍ ଉପରେ ଆଧାରିତ ଥିଲା । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ନୂତନତ୍ୱ ଏବଂ ପ୍ରାୟୋଗିକତାକୁ ଆଗେଇ ନେଇ ଏକ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା, ଯେଉଁଥିରେ ଗ୍ରାହକ ସଂଲଗ୍ନତା ଏବଂ ମହିଳାମାନଙ୍କ ସଶକ୍ତିକରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗ ଦେଇଥିଲେ । ଏହି ଅବସରରେ କୁମାର ପାଢ଼ୀ, ଅଧିକ୍ଷଣ ଯନ୍ତ୍ରୀ ଭଦ୍ରକ, ସୌମ୍ୟ ରଞ୍ଜନ ନାୟକ, ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର (ଭଦ୍ରକ ଉତ୍ତର), ମନସ୍ୱିନୀ ସ୍ୱାଇଁ, ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର (ଭଦ୍ରକ ଦକ୍ଷିଣ) ଏବଂ ଟିପିଏନ୍‌ଓଡିଏଲର ଗ୍ରାହକ ସେବା ୱିଂର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୨୦୩୪ ସୁଦ୍ଧା ପହଞ୍ଚିବ ୧୯୦ ଲକ୍ଷ କୋଟି

ଦେଶର ରିଟେଲ ସେକ୍ଟର ଦ୍ରୁତ ଗତିରେ ବିକାଶ କରୁଛି। ଏକ ରିପୋର୍ଟ ଅନୁଯାୟୀ, ଭାରତର ରିଟେଲ ସେକ୍ଟର ୨୦୩୪ ସୁଦ୍ଧା ୧୯୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଭାରତରେ ଖୁଚୁରା ବଜାର ୨୦୧୪ରେ ୩୫ ଲକ୍ଷ କୋଟି ଟଙ୍କା ଥିଲା। ହେଲେ ୨୦୨୪ରେ ଏହା ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ଦଶନ୍ଧି ମଧ୍ୟରେ, ଦେଶର ରିଟେଲ ସେକ୍ଟର ବାର୍ଷିକ ୮.୯ ପ୍ରତିଶତ ହାରରେ ଅଭିବୃଦ୍ଧି କରିଛି। ବୋଷ୍ଟନ୍ କନସଲ୍ଟିଂ ଗ୍ରୁପ୍ ଏବଂ ରିଟେଲର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ଦ୍ୱାରା ମିଳିତ ଭାବରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ, ବିଭିନ୍ନ ଗ୍ରାହକ ଗୋଷ୍ଠୀ ସହିତ, ଖୁଚୁରା ବ୍ୟବସାୟୀମାନଙ୍କୁ ବିଭିନ୍ନ ଅବସରକୁ ବୁଝିବା ଦରକାର ଓ ଦେଶର ସଫଳ ହେବାକୁ ହେଲେ ତାଙ୍କୁ ଲୋକଙ୍କ ଆବଶ୍ୟକାତା ବୁଝିବାର ଆବଶ୍ୟକତା ରହିଛି। ଭାରତ ଏବଂ ବିଦେଶରେ ସଫଳ ହେବା ପାଇଁ ବିଭିନ୍ନ ସୁଯୋଗକୁ ଚିହ୍ନିବା ଏବଂ ଲୋକଙ୍କ ଆବଶ୍ୟକତାକୁ ବୁଝିବା ଆବଶ୍ୟକ। ଯେଉଁମାନେ ଗ୍ରାହକଙ୍କ ଆବଶ୍ୟକତାକୁ ଯେତେ ଭଲ ବୁଝିପାରିବେ ସେତେ ଲାଭ କରିବେ ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ଭିନ୍ନ ଭିନ୍ନ ଗ୍ରାହକଙ୍କୁ ଆଧାର କରି ରିଟେଲ ସେକ୍ଟର ଦ୍ରୁତ ଗତିରେ ଅଭିବୃଦ୍ଧି କରିଛି। କୋଭିଡ-୧୯ ମହାମାରୀ ସମୟ ବ୍ୟତୀତ ଭାରତର ଗ୍ରାହକ ଅଭିବୃଦ୍ଧି ଧାରା ଭଲ ରହିଛି। ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ରିଟେଲ ସେକ୍ଟର ୨୦୨୪-୩୪ ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି କରିବାକୁ ଯାଉଛି। ୨୦୨୪ ସୁଦ୍ଧା ଏହା ୧୯୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ରିଟେଲ ସେକ୍ଟର ବି ଡେଭଲପ ହେଉଛି। କିନ୍ତୁ ଏହି ଅଭିବୃଦ୍ଧି ଜାରି ରହିବ କି ନାହିଁ ତାହା ଏକାଧିକ କାରଣ ଉପର ନିର୍ଭର କରୁଛି। ବର୍ଦ୍ଧିତ ଜନସଂଖ୍ୟା ସହିତ ଲୋକଙ୍କ ଆଚରଣରେ ଏବେ ପରିବର୍ତ୍ତନ ଆସିଛି। ଗ୍ରାହକମାନେ ନୂଆ ଜିନିଷ କିଣିବା ବିଷୟରେ ପୂର୍ବାପେକ୍ଷା ଅଧିକ ସଚେତନ ଅଛନ୍ତି। ଏହା ସହିତ, ମହିଳା କର୍ମଚାରୀଙ୍କ ପରିସର ବୃଦ୍ଧି ପାଇବା ସହିତ, କିଣିବା ପ୍ରତି ଇଚ୍ଛା ବଢୁଛି। ମୋଟାମୋଟି କହିବାକୁ ଗଲେ ଆସନ୍ତା ଦିନମାନଙ୍କରେ ଯେତିକି ସୁଯୋଗ ଅଛି, ସେତିକି ଚ୍ୟାଲେଞ୍ଜ ମଧ୍ୟ ରହିଛି।

# ସାମ୍ପ୍ରତିକ ସମାଜ ଓ ମହାପୁରୁଷ ଅଚ୍ୟୁତଙ୍କ ମାଳିକା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଧର୍ମ ବିଷୟକ ରହସ୍ୟ ଗ୍ରନ୍ଥ ମାଳିକା ନାମରେ ଖ୍ୟାତ। ଏହାକୁ ମଧ୍ୟ ଭବିଷ୍ୟ ବାଣୀ ଭାବେ ଗ୍ରହଣ କରାଯାଇଥାଏ। ସାଧାରଣତଃ ସାଧୁ, ସନ୍ଥ, ଯୋଗୀ, ସନ୍ନ୍ୟାସୀମାନେ ଆପଣାର ତପୋନିଷ୍ଠ ପ୍ରତିଭା ବଳରେ ବହୁ ପ୍ରକାରରେ ଭବିଷ୍ୟତକୁ ଆକଳନ କରନ୍ତି। ସମାଜକୁ ଚେତାବନୀ ମଧ୍ୟ ଦେଇଥାନ୍ତି। ବିଶେଷକରି ସାମାଜିକ ସ୍ଖଳନ, କୁକର୍ମ, ଦୁରାଚାର, ଧର୍ମ ବିରୋଧୀ କର୍ମ – ଏ ସବୁକୁ ଲୋକଲୋଚନରେ ଦେଖାଇ ଦିଆଯିବାର ଅସଲ ଉଦ୍ଦେଶ୍ୟଟି ମାଳିକାରେ ନିହିତ। ଏକ ବିପଥଗାମୀ ସମାଜକୁ ବାଟକୁ ଆଣିବାପାଇଁ ମାଳିକାକାରମାନେ ଯେଉଁ ଉଦ୍ୟମ ଜାରି ରଖିଥିଲେ; ତାହା କାଳକାଳକୁ ଏକ ଉପାଦେୟ ଗ୍ରନ୍ଥ ହୋଇ ରହିଛି। ଏହାର ସାର୍ବକାଳୀନ ତାତ୍ତ୍ୱିକ, ଦାର୍ଶନିକ, ଧର୍ମୀୟ ମୂଲ୍ୟବୋଧ; ଏଥିପ୍ରତି ଏ ଯାବତ୍ କେହି ଅଙ୍ଗୁଳି ନିର୍ଦ୍ଦେଶ କରିବା ପରିଲକ୍ଷିତ ହୋଇନାହିଁ। ଏ ପରିପ୍ରେକ୍ଷୀରେ ମାଳିକାକୁ କଳିଯୁଗର ସାଂସ୍କୃତିକ ଅବକ୍ଷୟର ଚିତ୍ରପଟ କହିଲେ ଅତ୍ୟୁକ୍ତି ହେବ ନାହିଁ। ମାଳିକାର ରଚୟିତାମାନେ ହେଉଛନ୍ତି ସିଦ୍ଧ ମହାପୁରୁଷ। ଏମାନେ ସମାଜର ସବୁ ବର୍ଗର ଗ୍ରହଣଯୋଗ୍ୟ ସନ୍ଥ। ସେମାନଙ୍କ ମଧ୍ୟରେ ପଞ୍ଚସଖା ସାଧକମାନଙ୍କ ମଧ୍ୟରୁ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ନାମୋଲ୍ଲେଖଯୋଗ୍ୟ। ଏଥି ସହିତ ସନ୍ଥ ହାଡ଼ିଦାସ ମଧ୍ୟ ଜଣେ ସ୍ୱନାମଧନ୍ୟ ମାଳିକା ରଚୟିତା। ଏଇମାନଙ୍କ ଅମୂଲ୍ୟ ସୃଷ୍ଟି। ଏଥିରେ ସାମ୍ପ୍ରତିକ ସମାଜର ଭ୍ରଷ୍ଟାଚାର ବିରୋଧରେ ରହିଛି ସାଙ୍କେତିକ ରୂପଚିତ୍ର। ଏଣୁ ସାଧାରଣ ପାଠକଟିଏ କହେ – 'ଅଚ୍ୟୁତ ଠାର, ହାଡ଼ିଆ ଗାର'। ଏଇ ଠାର, ଗାରକୁ ବୁଝିଲେ ମିଳିଯାଏ ଅସଲ ତଥ୍ୟ, ନ ବୁଝିଲେ ଖାଲି ଭୁଆଁ ବୁଲିବା ସାର। ତେବେ କିଏ ବୁଝୁ ବା ନ ବୁଝୁ ମାଳିକାର ସାଙ୍ଗୀତିକ ମୂଲ୍ୟ ଅନନ୍ୟ। ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ। ସଠିକ୍ ହେଉ ବା ଆନୁମାନିକ ବ୍ୟାଖ୍ୟା; ସମୟେ ସମୟେ ଘଟଣାକୁ ସୁହାଇଲା ଭଳି ମାଳିକାକାରଙ୍କ କେତେକ ତଥ୍ୟ, ଜନତାଙ୍କୁ ବ୍ୟାଖ୍ୟାକରି ବୁଝାଇ ଦିଆଯାଏ। ସତ ମିଛ ପରଖିବାର 'ଯୁ' ସଭିଁଙ୍କର ନ ଥାଏ। କାରଣ ଏଭଳି କ୍ଲିଷ୍ଟ ସାହିତ୍ୟ କୃତିର ରଚୟିତାମାନେ ଯୋଗମାର୍ଗୀ, ଶୂନ୍ୟ ସାଧକ, ପିଣ୍ଡ ବ୍ରହ୍ମାଣ୍ଡବାଦୀ। ସେମାନଙ୍କ ମଧ୍ୟରେ ଅଚ୍ୟୁତାନନ୍ଦ ଦାସ ଅଗ୍ରଗଣ୍ୟ।

ଷୋଡ଼ଶ ଶତାବ୍ଦୀ। ରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳ। ଏହି ସମୟରେ ଓଡ଼ିଆ ସାହିତ୍ୟର କାବ୍ୟଯୁଗର ଉନ୍ମେଷ କହିଲେ ଅତ୍ୟୁକ୍ତି ହେବନାହିଁ। ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ; ଏହିମାନେ ପଞ୍ଚସଖା। ଏମାନେ ସମସ୍ତେ ବ୍ରହ୍ମବାଦୀ। ଆପଣାକୁ ଦାସ ଭାବେ ପରିଚିତ କରାଇଛନ୍ତି। ତେବେ ଏଇ ସାହିତ୍ୟିକମାନଙ୍କର କାଳ କଳନା ନେଇ ନାନା ସଂଶୟ। ସେମାନେ 'ସଖାହୀନ' ପଞ୍ଚସଖା ଥିବା ମଧ୍ୟ ମତବ୍ୟକ୍ତ କରାଯାଇଛି। ସେମାନଙ୍କ ସୃଷ୍ଟି ମଧ୍ୟରୁ ବଳରାମ ଦାସଙ୍କ ଜଗମୋହନ ରାମାୟଣ, ଜଗନ୍ନାଥ ଦାସଙ୍କ ଭାଗବତ ବ୍ୟତୀତ ଅନ୍ୟ ସମସ୍ତ ଲେଖାକୁ ସାହିତ୍ୟ ମର୍ଯ୍ୟାଦା ପ୍ରଦାନରେ କୁଣ୍ଠା ପ୍ରକାଶ କରାଯାଏ। ସେଗୁଡ଼ିକୁ ତତ୍ତ୍ୱ, ତଥ୍ୟ, କଠିନ ଦର୍ଶନ ଭିତ୍ତିକ ରଚନା ଆଖ୍ୟା ଦିଆଯାଇଛି। ଏକ ନିରପେକ୍ଷ ଦୃଷ୍ଟିନେଇ ପଞ୍ଚସଖାଙ୍କ ସାଧନାର ସିଦ୍ଧିକୁ ବିଚାର କଲେ ଏହା ବେଶ୍ ହୃଦୟଗ୍ରାହୀ। ଉଚ୍ଚାଙ୍ଗ ସାହିତ୍ୟ ନିଶ୍ଚୟ! ତେବେ ସେହି ମହାନ ସାଧକଙ୍କ ଧର୍ମୀୟ ଅନୁଚିନ୍ତନ, ଏଥିରୁ ବାରି ହୋଇପଡ଼େ ସେମାନଙ୍କ ଗଭୀର ଅଧ୍ୟୟନ, ଜ୍ଞାନ, ଗରିମା, ସାଧନାର କଥା।

ଯୋଗମାର୍ଗୀ ଅଚ୍ୟୁତାନନ୍ଦ ଓଡ଼ିଶାର ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ପ୍ରଭୃତି ବିଭିନ୍ନ ମତବାଦର ରଜକୀୟ ତଥା ସାମାଜିକ ସମର୍ଥନ ଲାଭ କରିଛନ୍ତି। ଫଳ ସ୍ୱରୂପ ଏକ ସମନ୍ୱୟ ଆଧ୍ୟାତ୍ମିକ ଭାବ-ଚେତନାର ସରହଦ ସୃଷ୍ଟି ହୋଇଥିଲା। ଏହାର ଅତ୍ୟତମ ପ୍ରବକ୍ତା ଥିଲେ ସାଧୁ-ସନ୍ଥ ଅଚ୍ୟୁତାନନ୍ଦ। ତତ୍ ସହିତ ସେ ବହୁଳ ଭାବେ ନାଥ ସିଦ୍ଧ ପରମ୍ପରା ଦ୍ୱାରା ପ୍ରଭାବିତ। ଯୋଗମାର୍ଗ ହିଁ ତାଙ୍କ ସାଧନାର ଶ୍ରେଷ୍ଠ ମାଧ୍ୟମ। ସେମାନେ ପିଣ୍ଡ ବ୍ରହ୍ମାଣ୍ଡବାଦୀ, ଶରୀର ମଧ୍ୟରେ ଦେବ, ଦେବୀ, ତୀର୍ଥ, ଆକାଶ; ଶାସ୍ତ୍ର ପୁରାଣ ପୁରାଣ ନିର୍ଦ୍ଦେଶିତ ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ ସବୁ ଏହି ଶରୀର ମଧ୍ୟରେ ଲୁକ୍କାୟିତ। ଏହାକୁ ଖୋଜିବାକୁ ପଡ଼ିବ। ଶରୀର ମଧ୍ୟରେ ଷଡ଼ଚକ୍ରକୁ ଭେଦ କରିପାରିଲେ ସହସ୍ର ଦଳ ପଦ୍ମ। ତନ୍ମଧ୍ୟରେ ମଣିମୟ ମଣ୍ଡଳରେ ପରଂବ୍ରହ୍ମଙ୍କ ସତ୍ତାକୁ ଉପଲବ୍ଧି କରିଛନ୍ତି ସମସ୍ତ ପଞ୍ଚସଖାମାନେ। ଏଣୁ ଯୋଗ, ସମାଧି, ପ୍ରାଣାୟାମ, ଧ୍ୟାନ, ଧାରଣା, ଜପ, ତପ ଦ୍ୱାରା ହିଁ ସେହି ପରଂବ୍ରହ୍ମଙ୍କ ସାନ୍ନିଧ୍ୟ ଲାଭ ପ୍ରଚେଷ୍ଟା; ତାହା ଅଚ୍ୟୁତାନନ୍ଦ ଜାରି ରଖିଥିଲେ। ସେ ଥିଲେ ପରମ ଶୂନ୍ୟବାଦୀ। ଏହି ଶୂନ୍ୟର ଅର୍ଥ ସ୍ୱଭାବହୀନତା, ଯାହା ପରଂବ୍ରହ୍ମଙ୍କ ନାମାନ୍ତର ମାତ୍ର। ଶୂନ୍ୟ ପୁରୁଷ ହେଉଛନ୍ତି ଆଦି, ଅନାଦି, ଅଣାକାର, ଅବର୍ଣ୍ଣ, ଅଲେଖ, ନିରଞ୍ଜନ, ନିର୍ଗୁଣ। ଏ ସମ୍ପର୍କରେ ଅଚ୍ୟୁତ କହନ୍ତି – "ଶୂନ୍ୟ ପୁରୁଷ ଶୂନ୍ୟରେ ରହେ। ଶୂନ୍ୟ ଭଜନ ନିରାକାର ଯେ।" ସକଳ ଘଟରେ ନାରାୟଣ ପରି ଶୂନ୍ୟ ପୁରୁଷ ସର୍ବ ଘଟେ ଥାଏ। ଶୂନ୍ୟ ପୁରୁଷ ଅଙ୍ଗାଙ୍ଗୀ ସହ ମିଳିତ ହୋଇ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସୃଷ୍ଟି ହେଲେ। ପବନ, ଚନ୍ଦ୍ର, ପୃଥିବୀ, ସୂର୍ଯ୍ୟ, ଦିନ, ରାତି ସବୁ ସେଇ ଶୂନ୍ୟରୁ ସୃଷ୍ଟି ହୋଇଛି। ଏଣୁ ଏହି ଶୂନ୍ୟସାଧନା ହିଁ ଅଚ୍ୟୁତାନନ୍ଦଙ୍କ ସମେତ ପଞ୍ଚସଖା ସାଧନାର ମୂଳାଧାର। ଫଳରେ ବ୍ରହ୍ମବାଦୀ ସାଧକ ଅଚ୍ୟୁତାନନ୍ଦଙ୍କ ରଚନାଗୁଡ଼ିକ ମଧ୍ୟରେ ସଂହିତା, ମାଳିକା ଶ୍ରେଷ୍ଠତ୍ୱ ଲାଭ କରିଛି; ତାହା ଯେତିକି କ୍ଲିଷ୍ଟ, ସେତିକି ତାତ୍ତ୍ୱିକ। ଟାଣ ଚଣା ଚର୍ବଣ ନାରଦ କଲେ, ଟେକ ଓଜ ନିଶ୍ଚୟ ଭାଜିବ। ସେହିପରି ଅଚ୍ୟୁତବାଣୀକୁ ବୁଝି ହେଜିବାକୁ ଜ୍ଞାନଗର୍ଭା ପାଠକଟିଏ ଲୋଡ଼ା, ଏଥି ସହିତ ଗଭୀର ଅଧ୍ୟାତ୍ମ ଅନୁଚିନ୍ତନହିଁ ନାମତତ୍ତ୍ୱ, ଆତ୍ମତତ୍ତ୍ୱ, ବ୍ରହ୍ମତତ୍ତ୍ୱ ଲାଭର ସହାୟକ ହୋଇପାରିବ। ଅଚ୍ୟୁତଙ୍କ ଲେଖନୀ ନିଃସୃତ ଗୀତା, ସଂହିତା, ପୁରାଣ, ଭଜନ, ଜଣାଣ, ଚଉତିଶା, କୋଇଲି, ସ୍ତୁତି, ସଂହିତା, ମାଳିକା। ଏ ପ୍ରକାର ରଚନା ପାଇଁ ପଞ୍ଚସଖା ସାଧକମାନେ ଓଡ଼ିଶାର ପୁରପଲ୍ଲୀରେ ପରିଚିତ।

ସନ୍ଥ ଅଚ୍ୟୁତାନନ୍ଦ ୩୬ ଖଣ୍ଡ ସଂହିତା, ୭୮ ଖଣ୍ଡ ଗୀତା, ହରିବଂଶ, ଉପବଂଶ ଚରିତ ୧୨ ଖଣ୍ଡ, ଭବିଷ୍ୟ ପୁରାଣ ବା ମାଳିକା ୧୦୦ ଖଣ୍ଡ ରଚନା କରିଛନ୍ତି। ଏଥି ସହିତ ଅନେକ ଭଜନ, ଜଣାଣ, ଚଉପଦୀର ସେ ରଚୟିତା; ମାତ୍ର ତାଙ୍କର ମୌଳିକ କୃତି ଗୁଡ଼ିକର ସଠିକ ସମ୍ପାଦନା ହୋଇପାରି ନାହିଁ। ଫଳରେ ତାଙ୍କ ନାମରେ ପ୍ରଚାରିତ ଦଶପଟ୍ଟଳ ମାଳିକା, ଶୂନ୍ୟ ସଂହିତା, ଗରୁଡ଼ ଗୀତା। ପରବର୍ତ୍ତୀ ସମୟରେ ବହୁ ନୂତନ ସମ୍ବାଦକୁ ସ୍ଥାନିତ କରିବାର ଅପଚେଷ୍ଟା କରାଯାଇଛି। ତାହା ମୌଳିକ ରଚନାକୁ ପ୍ରମାଦଯୁକ୍ତ କରିଛି। ଏହା ସତ୍ତ୍ୱେ; ମୁଗ୍ଧ ପାଠକଟିଏ ତାଙ୍କ ରଚନାକୁ ଆପଣେଇ ନେଇଛି; ବିଶେଷକରି ତାଙ୍କର ବିଭିନ୍ନ ମାଳିକାକୁ।

କଳି କାଳ, ମର୍ତ୍ତ୍ୟବାସୀଙ୍କ ରୀତି, ଗତି, ପ୍ରକୃତି ହିଁ ମାଳିକାର ଆଖ୍ୟାନ ବସ୍ତୁ। ପରଂବ୍ରହ୍ମ ସତ୍ୟରେ ବିଷ୍ଣୁ, ତ୍ରେତାରେ ରାମ, ଦ୍ୱାପରରେ କୃଷ୍ଣ ଅବତାର ଗ୍ରହଣ କରି ଦୁଷ୍ଟ ନିବାରି ସନ୍ଥ ପାଳନ କରିଛନ୍ତି। ସେଇ ଅବତାରୀ କଳିକାଳରେ ନେବେ କଲ୍କୀ ଅବତାର। ପାପକର୍ମ ଯୁକ୍ତ ବିପଥଗାମୀମାନଙ୍କୁ ମ୍ଳେଚ୍ଛ ଆଖ୍ୟା ଦିଆଯାଇଛି। ଏଇମାନଙ୍କ ନିଧନ, ସନ୍ଥ ପାଳନ, ଦେବତା, ଗୋ ବ୍ରାହ୍ମଣଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ, ସାକାର ହେବ କଲ୍କୀ ରୂପରେ। ମୁଖ୍ୟତଃ ଏଇ କଥାଗୁଡ଼ିକ ମାଳିକାର ଆଖ୍ୟାନ ବସ୍ତୁ। ଏଥି ସହିତ କ୍ଷତିକୁ ବିପତ୍ତି ସୃଷ୍ଟିକାରୀ ମଡ଼କ, ଦୁର୍ବିପାକ, ଉଲ୍କାପାତ ଆଦି ନାନା ଅଘଟଣର କଥାକୁ ମାଳିକାକାରମାନେ ସାଙ୍କେତିକ ଭାଷାରେ ଦର୍ଶାଇ ଦେଇଛନ୍ତି। ଏହା ମଧ୍ୟ ଅଚ୍ୟୁତାନନ୍ଦଙ୍କ ମାଳିକାର ମୁଖ୍ୟକଥା। ଦ୍ୱାପର ଯୁଗର ଶେଷ ପାଦ। ମହାରାଜା ଯୁଧିଷ୍ଠିର କଳିଯୁଗରେ ରାଜତ୍ୱ କରେ ୩୬ ବର୍ଷ ଆଠ ମାସ। ପାପମତି କଳିକୁ ସହଦେବ ଦୈବୀଶକ୍ତି ବଳରେ ବାନ୍ଧିରଖିଲେ; ମାତ୍ର ଦେବ ମହିମା ବା କାହାକୁ ଜଣା? ଶେଷରେ କଳିର ରାଜତ୍ୱ ଆରମ୍ଭ ହେଲା। ଏଣେ ମହାରାଜା ପରୀକ୍ଷିତଙ୍କ ସିଂହାସନାରୋହଣ, ଧର୍ମରାଜ ଯୁଧିଷ୍ଠିରଙ୍କର ସ୍ୱର୍ଗାରୋହଣ। ଏହାକୁ କବି ଶୂଦ୍ରମୁନି ସାରଳାଦାସ ସୂଚନା ଦେଇଛନ୍ତି ସ୍ୱର୍ଗାରୋହଣ ପର୍ବରେ। ଏହା ଏକ ଆଖ୍ୟାୟିକା। ଅନୁରୂପ ଭାବେ ରାଜା ପରୀକ୍ଷିତଙ୍କ ସମେତ ୧୯ ଜଣ ସୋମବଂଶୀ ରାଜ୍ୟ ଭୋଗକଲେ। ଏଇ କଥାକୁ ଅଚ୍ୟୁତ କହନ୍ତି – "ପରୀକ୍ଷିତ ଆଦି ସୋମବଂଶେ ରାଜା ହୋଇଲେ ଊନବିଂଶ ଜଣ। ସହସ୍ରେ ଅଧିକ ଶହେ ବରଷ / କଳିଯୁଗ ପୁଣି ହୋଇଲା ଶେଷ।" ଏହି ସମୟକୁ କଳିର ଭୋଗ ୨୩୦୦୦ ବର୍ଷ। ପାଞ୍ଚହଜାର ବର୍ଷକୁ ବାକି ରହିଲା ୨୦୦୦ ବର୍ଷର। ଏଣୁ କଳିର ବିଦାୟ ବେଳାରେ କଳିର ମହାପ୍ରତାପ। ତା'ରି ପ୍ରଭାବ। ମାନବ ସମାଜ ହିତାହିତ ଜ୍ଞାନ ରହିତ। ସାଂସାରିକ ବନ୍ଧନର ମର୍ଯ୍ୟାଦା ନଷ୍ଟ। ସାମାଜିକ ବନ୍ଧନ ହେବ କଳୁଷିତ। ଏଣୁ ଅଚ୍ୟୁତ ଗାଇଲେ, "ମାତା ମାଉସୀ ଶାଶୁଙ୍କୁ ହରଣ। ବେଦ ନ ପଢ଼ିବେ ଥିଲେ ବ୍ରାହ୍ମଣ। ଭଗ୍ନୀକୁ ହରିବେ ସୋଦର ଭାଇ। ଗୀତେ ମଦିରାଯେ ଖାଇବେ ମହୀ। ଭାଉଜଙ୍କୁ ଘେନି କରିବେ ଘର। ଗୋଦଣ୍ଡା ଚଷିବେ ଗାଲୁଆ ଚୋର।" କଳିରେ ପ୍ରକଟିତ ହେବ ଭ୍ରଷ୍ଟାଚାର, ମିଛ, ଖଚ, ଚୋରି, ଡକାୟତି। ରାହାଜାନୀରେ ଅତିଷ୍ଠ ହେବ ଜନଜୀବନ। ହିନ୍ଦୁ ଧର୍ମାଚାରରେ ପରିଚାଳିତ ସାମାଜିକ ବନ୍ଧନ ହେବ ପୂତି ଗନ୍ଧମୟ ନର୍କ। ଫଳରେ, "ପିତାମାତାଙ୍କୁ ଯେ ପୁତ୍ର ନ ମାନିବେ ଛିନ୍ନଭିନ୍ନ କରି / ଲକ୍ଷେକ ଅର୍ଜିବେ ପକ୍ଷେ ନ ଅଣ୍ଟିବ ନିଷ୍ଠା ବଚନ ମୋହରି।" ଏହି କଥାକୁ ଅଚ୍ୟୁତ ଦୃଢ଼ତାର ସହ ବର୍ଣ୍ଣନା କରିଛନ୍ତି। ଅନୁରୂପ ଭାବରେ ତାଙ୍କ ନିର୍ଘଣ୍ଟରେ ଅନ୍ୟାୟ, ଅନୀତି, ରାହାଜାନି କଥା ବର୍ଣ୍ଣନା କରିଛନ୍ତି। ତାହା ପୁଣି ହେବ ଶାଣିତ ଅସ୍ତ୍ର ଶସ୍ତ୍ରରେ, ପୃଥିବୀ ଜନେ ହେବେ ଭୀତତ୍ରସ୍ତ। ଏହି ପ୍ରସଙ୍ଗଟି ମଧ୍ୟ ଆମ ସମାଜ ପରିପ୍ରେକ୍ଷୀରେ ସତ୍ୟ ପ୍ରମାଣିତ ହୋଇଛି।

ଘୋର କଳି। ଧର୍ମ କ୍ଷେତ୍ରରେ ଦେଖାଦେବ ଘୋର ବିଭ୍ରାଟ। ଗୁରୁଭଳି ପବିତ୍ର ଶବ୍ଦରେ କଳଙ୍କ ଲାଗିବ, ନକଲି ଶିଷ୍ୟମାନେ ଧର୍ମ ନାମେ ଅଧର୍ମ କରିବେ। ବହୁରୂପୀ ଧର୍ମଧ୍ୱଜାମାନଙ୍କ ଦାଉରେ ପୃଥିବୀ କଷଣ ପାଇବ –

**"ମଦ ମାଂସ ମାଛ ଭକ୍ଷଣ ଥୋକେ**
**ହୋଇବେ ଦାସ**
**ଠକମାନେ ଗୁରୁ ହୋଇଣ ବୁଲି**
**କରିବେ ଶିଷ୍ୟ।**
**ଶିଷ୍ୟକରି ନାରୀମାନଙ୍କୁ**
**ବୋଲୁଥିବେ ହେ ରାଧା।**
**ସେହି ଗୁରୁ ସେହୁ କୃଷ୍ଣଟି ଥୋକେ**
**ମୋର ଶରଧା।**
**ମୂର୍ତ୍ତି କୃଷ୍ଣ ବୋଲି ଭାବିଲେ ତୁହି**
**ହେବୁ କାରଣ।**
**ଶିଷ୍ୟାରେ ପୁଣି ରମିବେ କହି**
**ମାୟା ବଚନ।"**

ସେଇମାନେ ଏକାକ୍ଷର ବ୍ରହ୍ମକୁ ଜାଣି ପାରିବେନି; ମାତ୍ର ଶିଷ୍ୟକୁ ନକରି ଏକାକ୍ଷର ନାମ ବ୍ରହ୍ମର ମହିମା ବର୍ଣ୍ଣନା କରିବେ। ସୁଯୋଗ ଦେଖି ଏଇ ନକଲି ଗୁରୁମାନେ ସୁନ୍ଦରୀ ରମଣୀ-ରମଣ ଲିପ୍ସାରୁ ବିରତ ନୋହିବେ। ଏମିତି ସବୁ ଅପକର୍ମର ପରିଣାମ ଭୟାବହ ହେବ। "ଅକାଳ ହୋଇବ କାଳଗୋ ବଉଳ କୁହୁଡ଼ି ଆସିବ ମାଡ଼ି।
ସାତଦିନ ଯାଏ ଅନ୍ଧାର ହୋଇବ ବୁଦ୍ଧିଜ୍ଞାନ ଯିବ ହୁଡ଼ି।"
(କ୍ରମଶଃ)

# ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମ୍ୟନ୍ତେ ତତ୍ର ଦେବତା

ଭାଗ୍ୟଶ୍ରୀ ନନ୍ଦ
ଭି .ଏସ .ଏସ ନଗର
ଭୁବନେଶ୍ୱର

'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ,
ରମ୍ୟନ୍ତେ ତତ୍ର ଦେବତା।'

ଯାହାର ଅର୍ଥ ହେଉଛି ଯେଉଁଠାରେ ନାରୀଙ୍କୁ ଉଚିତ ସମ୍ମାନ ମିଳେ, ସେଠାରେ ସର୍ବଦା ଦେବତା ବାସ କରିଥାଆନ୍ତି। ମା'ଅର୍ଥାତ ମାତା। ମାତାଙ୍କ ରୂପେ ନାରୀ। ଧରିତ୍ରୀରେ ଥିବା ସମସ୍ତଙ୍କ ମଧ୍ୟରେ ଏକ ପବିତ୍ର ରୂପ ହେଉଛି ନାରୀ। ମାଆ ଈଶ୍ୱରଙ୍କ ଠାରୁ ମଧ୍ୟ ଉଚ୍ଚରେ ବୋଲି କୁହାଯାଏ। ନାରୀର ଯେତେ ଯେତେ ରୂପ ରହିଛି, ତା ଭିତରେ ସର୍ବଶ୍ରେଷ୍ଠ ଓ ସୁନ୍ଦରତମ ରୂପ ହେଉଛି "ମା' । ଈଶ୍ୱର ସବୁଠି, ସବୁ ସମୟରେ ପହଞ୍ଚି ପାରିବେନି ବୋଲି ମା'ଟିଏ ସୃଷ୍ଟି କରିଛନ୍ତି। ଏଇ ମାତୃଶକ୍ତି ରୂପରେ ସିଏ ସାରା ଜଗତରେ ପରିବ୍ୟାପ୍ତ ହୋଇଛନ୍ତି। ମା' ହେଉଛି ଈଶ୍ୱରଙ୍କର ପ୍ରତିନିଧି। ମା'ଟିଏ ଅସୀମ ସ୍ନେହ, ପ୍ରେମ, ମମତା ଓ ନିଃସର୍ତ୍ତ ଭଲ ପାଇବାର ଏକ ପାରାବାର । ଦୟା, କ୍ଷମା, ତ୍ୟାଗ ଓ ସହନଶୀଳତାର ଏକ ଅଭିନବ ସମାହାର । ଭାରତୀୟ ସଂସ୍କୃତିରେ ନାରୀକୁ ବିଭିନ୍ନ ରୂପରେ ସମ୍ମାନ ଦିଆଯାଇଛି । କେତେବେଳେ ସେ ଜନନୀ ତ କେତେବେଳେ ଜାୟା, କେତେବେଳେ ଭଗିନୀ ତ କେତେବେଳେ କନ୍ୟା । ଜଗଜ୍ଜନନୀ ହେଉଛନ୍ତି ଶକ୍ତି ସ୍ୱରୂପା । ପ୍ରତିଟି ନାରୀ ଭିତରେ ଭିନ୍ନଭିନ୍ନ ରୂପରେ ସିଏ ହିଁ ବିରାଜିତା । ସେଥିପାଇଁ ବର୍ଣ୍ଣିତ ଅଛି –

'ବିଦ୍ୟାଃ ସମସ୍ତା ସ୍ତବଦେବୀ ଭେଦାଃ,
ସ୍ତ୍ରୀୟଃ ସମସ୍ତାଃ ସକଳା ଜଗତ୍ସୁ,
ତ୍ୱୟୈକୟା ପୂରିତ ମମ୍ବୟୈତତ୍,
କାତେ ସ୍ତୁତିଃ ସ୍ତବ୍ୟ ପରାପରୋକ୍ତିଃ।'

ହେ ଦେବୀ! ଜଗତର ସମସ୍ତ ବିଦ୍ୟା ହିଁ ତୁମରି ସ୍ୱରୂପ ଭେଦ ସଦୃଶ ଏବଂ ଜଗତର ସମସ୍ତ ନାରୀ ତୁମରି ପ୍ରତିମୂର୍ତ୍ତି ଭାବରେ ବିରାଜିତ । ହେ



ଜଗଦମ୍ବେ! ତୁମେ ହିଁ ଏକମାତ୍ର ସମସ୍ତ ବିଶ୍ୱରେ ବ୍ୟାପ୍ତ ହୋଇ ରହିଅଛି । ତେଣୁ ମୁଁ କିପରି ଭାବରେ ବା ତୁମକୁ ସ୍ତବ କରିବି! ତୁମେ ତ ସ୍ତବ, ସ୍ତୁତିର ଅତୀତ, ପରାବାଣୀ ସ୍ୱରୂପ ଅଟ । ଆମ ଦେଶ ଭାରତ ସମ୍ପୂର୍ଣ୍ଣ ବିଶ୍ୱରେ ନିଜର ଭିନ୍ନ ଭିନ୍ନ ରୀତିନୀତି ତଥା ସଂସ୍କୃତି ପାଇଁ ପ୍ରସିଦ୍ଧ ଅଟେ। ବହୁ ପ୍ରାଚୀନ କାଳରୁ ପରମ୍ପରା ରହିଛି ଯେ, ସମାଜରେ ମହିଳାଙ୍କୁ ସ୍ୱତନ୍ତ୍ର ସମ୍ମାନ ଏବଂ ଆଦର ପ୍ରଦାନ କରିବା। ଆମ ସଂସ୍କୃତିରେ ମହିଳାମାନଙ୍କ ସମ୍ମାନ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ।

୧୯୧୭ ମସିହାରେ ଋଷର ମହିଳାମାନେ, ମହିଳା ଦିବସରେ ରୁଟି ଏବଂ କପଡ଼ା ପାଇଁ ଆନ୍ଦୋଳନ କରିବାର ଯୋଜନା କରିଥିଲେ । ଏହି ଆନ୍ଦୋଳନ ମଧ୍ୟ ଐତିହାସିକ ଥିଲା। ଅନ୍ତରୀଣ ସରକାର ମହିଳା ମାନଙ୍କୁ ଭୋଟ ଦେବାର ଅଧିକାର ଦେଲେ । ସେହି ସମୟରେ ଋଷରେ ଜୁଲିୟନ କ୍ୟାଲେଣ୍ଡର ଚଳୁଥିଲା ଏବଂ ବାକି ଦୁନିଆରେ ଗ୍ରେଗେରିୟାନ କ୍ୟାଲେଣ୍ଡର । ଏହି ଦୁଇ କ୍ୟାଲେଣ୍ଡରର ତାରିଖରେ କିଛି ଅନ୍ତର ଥିଲା । ଜୁଲିୟନ କ୍ୟାଲେଣ୍ଡର ଅନୁସାରେ ୧୯୧୭ ଫେବୃଆରୀର ଶେଷ ପର୍ଯ୍ୟାୟ ୨୩ ଫେବୃଆରୀରେ ଥିଲା କିନ୍ତୁ ଗ୍ରେଗେରିୟାନ କ୍ୟାଲେଣ୍ଡର ଅନୁସାରେ ସେହିଦିନ ୮ ମାର୍ଚ୍ଚ ଥିଲା । ସେହି ସମୟରେ ସମସ୍ତ ଦୁନିଆରେ, ଏମିତିକି ଋଷରେ ମଧ୍ୟ ଗ୍ରେଗେରିୟାନ କ୍ୟାଲେଣ୍ଡର ଚଳୁଥିଲା । ଏଥିପାଇଁ ୮ ମାର୍ଚ୍ଚକୁ ମହିଳା ଦିବସ ରୂପେ ପାଳନ କରାଗଲା। ପ୍ରତିବର୍ଷ ମାର୍ଚ୍ଚ ମାସର ୮ ତାରିଖକୁ ବିଶ୍ୱ ମହିଳା ଦିବସ ଭାବରେ ପାଳନ କରାଯାଇଥାଏ। ବିଭିନ୍ନ ଦେଶରେ ଏହା ବିଭିନ୍ନ ଭାବରେ ପାଳନ କରାଯାଇଥାଏ। ବିଶେଷତଃ ମହିଳା ମାନଙ୍କ ପ୍ରତି ସମ୍ମାନ, ସ୍ନେହ ଓ ଶ୍ରଦ୍ଧାର ନିଦର୍ଶନ ନିମନ୍ତେ ଏହି ଦିବସର ପାଳନର ତାତ୍ପର୍ଯ୍ୟ ରହିଛି । ଏବଂ ମହିଳା ମାନଙ୍କ ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ଅଭିବୃଦ୍ଧିର ଉତ୍ସବ ଭାବରେ ଏହି ଦିନର ମହତ୍ତ୍ୱ ରହିଛି । କିଛି ଦେଶରେ ଏହି ଦିନକୁ ଏକ ସାଧାରଣ ଉତ୍ସବ ଭାବରେ ମଧ୍ୟ ପାଳନ କରାଯାଏ ଏବଂ ଛୁଟି ଘୋଷଣା କରାଯାଇଥାଏ । ମହିଳା ମାନଙ୍କୁ ସମାଜରେ ସେମାନଙ୍କ ଉଚିତ ସ୍ଥାନ ଦେବା ଏବଂ ସେମାନଙ୍କ ଉପଲବ୍ଧିକୁ ସର୍ବସାଧାରଣରେ ପ୍ରୋତ୍ସାହନ ଦେବା ତଥା ପ୍ରଶଂସା କରିବା ପାଇଁ ଏହି ଦିବସର ମହତ୍ତ୍ୱ ରହିଛି । ପ୍ରାଚୀନ ବୈଦିକ କାଳରେ ଭାରତୀୟ ମହିଳାମାନେ ପୁରୁଷମାନଙ୍କ ସହ ସମସ୍ତ କ୍ଷେତ୍ରରେ ଅଧିକାର ପ୍ରାପ୍ତ ହଉଥିବା କଥା ଭାରତୀୟ ବେଦରୁ ପ୍ରମାଣ ମିଳେ । ପତଞ୍ଜଳି ଓ କାତ୍ୟାୟନଙ୍କ ପରି ପ୍ରାଚୀନ ବ୍ୟାକରଣ ବିଶାରଦଙ୍କ ଲେଖାରୁ ଜଣାପଡେ ଯେ, ବୈଦିକ ସମୟରେ ମହିଳାମାନେ ମଧ୍ୟ ପୁରୁଷମାନଙ୍କ ପରି ବିଦ୍ୟା ଲାଭ କରୁଥିଲେ । ଋଗବେଦର ଶ୍ଳୋକରୁ ଏହା ମଧ୍ୟ ପ୍ରମାଣ ହୁଏ ଯେ, ସେ କାଳରେ ମହିଳାମାନେ ଉପଯୁକ୍ତ ବୟସରେ ବିବାହ କରୁଥିଲେ ଓ ନିଜ ପସନ୍ଦର ପତି ପାଉଥିଲେ । ସେ କାଳରେ ସ୍ୱୟଂବର ପ୍ରଥାଦ୍ୱାରା ମହିଳାମାନେ ନିଜ ପସନ୍ଦର ବର ଚୟନ କରିବା ବିଧି ରହିଥିଲା । ଏହାକୁ 'ଗନ୍ଧର୍ବ' ବିବାହ କୁହାଯାଉଥିଲା । ଋଗ ବେଦ ଓ ଉପନିଷଦମାନଙ୍କରେ ପ୍ରାଚୀନ କାଳରେ 'ଗାର୍ଗୀ' 'ମୈତ୍ରେୟୀ'ଙ୍କ ପରି ଅନେକ ସାଧ୍ୱୀ ତଥା ବିଦ୍ୱାନ ମହିଳା ଥିବା କଥା ଉଲ୍ଲେଖ ରହିଛି ।

ତେବେ ଖ୍ରୀଷ୍ଟ ପୂର୍ବ ୫୦୦ ମସିହା ଆଡକୁ ଭାରତରେ ମହିଳାମାନଙ୍କ ସ୍ଥିତିରେ କ୍ରମଶଃ ଅବନତି ଘଟିବାରେ ଲାଗିଥିଲା । ଅବଶ୍ୟ ଜୈନ ଧର୍ମର ଆଗମନ ପରେ ମହିଳାମାନଙ୍କୁ ମଧ୍ୟ ସେହି ଧର୍ମରେ ଅଂଶ ଗ୍ରହଣ କରିବାର ଅନୁମତି ଦିଆ ଯାଇଥିଲା, ସାଧାରଣତଃ ଭାବରେ ମହିଳାମାନଙ୍କୁ ବିଭିନ୍ନ ବାଧା ମଧ୍ୟ ଆବଦ୍ଧ ହେଇ ରହିବାକୁ ହେଇଥିଲା । ବିଶ୍ୱାସ କରାଯାଏ ଯେ ଷଷ୍ଠ ଶତାବ୍ଦୀରେ ବାଲ୍ୟ ବିବାହ ପରମ୍ପରା ଭାରତରେ ଆରମ୍ଭ ହେଇଯାଇଥିଲା । ଏହି କାଳର କେତେକ ଧର୍ମଶାସ୍ତ୍ରରେ ଏହି ବିଷୟରେ ଉଲ୍ଲେଖ ରହିଛି । 'ମନୁ ସ୍ମୃତି'ରେ ଉଲ୍ଲେଖ ଯେ 'ମହିଳାମାନଙ୍କୁ ଶୈଶବରେ ପିତା, ଯୌବନରେ ସ୍ୱାମୀ ଓ ଜରାବସ୍ଥାରେ ପୁତ୍ର ସଂରକ୍ଷଣ ପ୍ରଦାନ କରିବେ । କାରଣ ଜଣେ ମହିଳା ନିଜେ କିଛି ନିଷ୍ପତ୍ତି ନେବାପାଇଁ ଅଯୋଗ୍ୟ । ତେବେ ଏହା କେବଳ ବର୍ଣ୍ଣନା ମୂଳକ ବ୍ୟାଖ୍ୟା ଥିଲା ଓ ସେ ସମୟରେ ମଧ୍ୟ କେତେକ ମହିଳାମାନେ ସନ୍ନ୍ୟାସିନୀ ହେଇ ସ୍ୱାଧୀନ ଭାବରେ ରହିଥିବାର ଜଣାଯାଏ । କେତେକ ସାମ୍ରାଜ୍ୟରେ ଜଣେ ବା ଅଧିକ 'ନଗରବଧୂ' ବା ନଗରର ପତ୍ନୀ ଭାବରେ ରଖା ଯାଉଥିଲା ଓ ତାହା ଅତ୍ୟନ୍ତ ସମ୍ମାନଜନକ ତଥା ଶକ୍ତିଶାଳୀ ପଦବୀ ଭାବରେ ଗଣନା କରାଯାଉଥିଲା । ପ୍ରାଚୀନ 'ଆମ୍ରପାଲ୍ଲୀ' ତାହାର ଏକ ଉଦାହରଣ । ମଧ୍ୟମ କାଳରେ ଭାରତୀୟ ନାରୀମାନଙ୍କ ସ୍ଥିତିରେ କ୍ରମଶଃ ଅବନତି ହେବାରେ ଲାଗିଥିଲା । ବାଲ୍ୟ ବିବାହ ପ୍ରଥା ଓ ବିଧବା ବିବାହକୁ ନିଷେଧ କରିବା ପରମ୍ପରା ସହ ଭାରତୀୟ ଉପମହାଦେଶକୁ ମୁସଲମାନମାନଙ୍କ ଅଧିକାର ପରେ ରାଜପୁତମାନଙ୍କ ମଧ୍ୟରେ 'ଜୌହାର' ବା ପରଦା ପ୍ରଥା ଆରମ୍ଭ ହେଇଥିଲା । ଭାରତରେ କେତେକ ଅଞ୍ଚଳରେ ଦେବଦାସୀମାନଙ୍କ ଉପରେ ଯୌନ ଶୋଷଣ ମଧ୍ୟ ହଉଥିଲା । ଅନେକ ଆଞ୍ଚଳରେ ବହୁ-ପତ୍ନୀ ପ୍ରଥାର ପ୍ରଚଳନ ମଧ୍ୟ ଚାଲିଲା । ଏହା ସାଧାରଣତଃ ରାଜନୈତିକ କାରଣରୁ କ୍ଷତ୍ରିୟ ଶାସକ ସଂପ୍ରଦାୟ ମଧ୍ୟରେ ବିଶେଷ ଭାବରେ ଚଳୁଥିଲା । ଅନେକ ମୁସଲିମ ପରିବାରରେ ମହିଳାଙ୍କୁ 'ଜନାନା' ଅଞ୍ଚଳ ମଧ୍ୟରେ ବନ୍ଦୀ ପରି ଆବଦ୍ଧ ଅବସ୍ଥାରେ ରହିବାକୁ ପଡୁଥିଲା। କିଛି ଦୃଢ଼ମନା ମହିଳା ସାହିତ୍ୟ, ରାଜନୀତି, ଶିକ୍ଷା ଆଦି ପରିସରରେ ନିଜର ଉତ୍କର୍ଷତା ପ୍ରତିପାଦନ କରିଥିଲେ । 'ରାଜିୟା ସୁଲତାନ' ଏକମାତ୍ର ମହିଳା ଥିଲେ ଯେ ଦିଲ୍ଲୀ ସାମ୍ରାଜ୍ୟ ସଫଳ ଭାବରେ ଶାସନ କରିଥିଲେ । ୧୫୬୪ ମସିହାରେ ମୋଗଲ ସମ୍ରାଟ ଆକବରଙ୍କ ସେନାପତି ଅସଫ ଖାନଙ୍କଦ୍ୱାରା ନିହତ ହେବା ପୂର୍ବରୁ ଗଣ୍ଡ ମହାରାଣୀ ଦୁର୍ଗାବତୀ ତାଙ୍କ ରାଜ୍ୟକୁ ୧୫ ବର୍ଷ କାଳ ଶାସନ କରିଥିଲେ । ୧୫୯୦ ଦଶକରେ 'ଚାନ୍ଦ ବିବି' ଅହମଦନଗର ରାଜ୍ୟକୁ ମୋଗଲ ଆକ୍ରମଣରୁ ଦୃଢ଼ତାର ସହ ପ୍ରତିରକ୍ଷା ପ୍ରଦାନ କରିଥିଲେ । ଏପରିକି ସମ୍ରାଟ ଜାହାଙ୍ଗୀରଙ୍କ ପତ୍ନୀ ନୁର ଜାହାନ ମଧ୍ୟ ଶାସନରେ ନିଜେ ନଥାଇ ମଧ୍ୟ ଅଖଣ୍ଡ ରାଜନୈତିକ ଶକ୍ତିର ଅଧିକାରୀ ଥିଲେ । ମୋଗଲ ରାଜକନ୍ୟା ଜହାନାରା ଓ ଜେବୁନନିଶା ତାଙ୍କର କବି ପ୍ରତିଭା ପାଇଁ ବିଖ୍ୟାତ ଥିଲେ । ଶିବାଜିଙ୍କ ମାଁ 'ଜିଜାବାଇ' ମଧ୍ୟ ଜଣେ ମହିଳା ଯୋଦ୍ଧା ଓ ପ୍ରଶାସକ ଭାବରେ ପ୍ରସିଦ୍ଧି ହାସଲ କରିଥିଲେ । ଅନ୍ୟ ଜଣେ ମରାଠା ମହିଳା ତାରାବାଇ ମଧ୍ୟ ଦକ୍ଷିଣ ଭାରତରେ ଶାସନ କରିଥିଲେ । ତାଙ୍କ ପରି ଆହୁରି ଅନେକ ମହିଳା ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବାର ଇତିହାସରେ ଉଲ୍ଲେଖ ରହିଛି ।.

ସେହି ସମୟରେ ମହିଳା ସନ୍ଥ ମୀରାବାଈଙ୍କ ନେତୃତ୍ୱରେ ଭକ୍ତି ଆନ୍ଦୋଳନର ସୂତ୍ରପାତ ହେଇଥିଲା । ଏଥିରେ ମହିଳାମାନଙ୍କ ଉପରେ ଲଦି ଦିଆଯାଇଥିବା ଅନେକ ବନ୍ଧନ ଉପରେ ସ୍ୱର ଉତ୍ତୋଳନ ହେଇଥିଲା । ତାଙ୍କ ସହ ଅକା ମହାଦେବୀ, ରମି ଜନବାଈଙ୍କ ପରି ମହିଳାଙ୍କ ସହ ମହାନୁଭବ, ଭାରକରି ଓ ଅନେକ ମହାପୁରୁଷ ସ୍ୱର ମିଳେଇ କିଛି ମହିଳା ଓ ପୁରୁଷଙ୍କ ଅଧିକାର ଭିତରେ ଥିବା ଅସମାନତାର ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିଲେ । ଏହା ପରେ ଶିଖ ଧର୍ମର ପ୍ରଥମ ଗୁରୁ, ଗୁରୁ ନାନକ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଅଧିକାରର ବାର୍ତ୍ତାର ପ୍ରଚାର କରିଥିଲେ । ସେ ମହିଳାମାନଙ୍କୁ ମଧ୍ୟ ଧାର୍ମିକ ସ୍ୱାଧୀନତା ଦେବା ସପକ୍ଷରେ ଯୁକ୍ତି କରୁଥିଲେ । ସେ ମହିଳାମାନଙ୍କୁ ତାଙ୍କ ଭଜନ କୀର୍ତ୍ତନ ସଭାରେ ଯୋଗଦାନ କରିବାକୁ ଅନୁମତି ଦେଇଥିଲେ ଓ ଧାର୍ମିକ ପରିଚାଳନାରେ ଅଂଶ ନେବାକୁ ମଧ୍ୟ ଆଗ୍ରହ କରୁଥିଲେ। ଏହା ପରେ ଶିଖ ଧର୍ମର ଅନ୍ୟ ଗୁରୁମାନେ ମଧ୍ୟ ମହିଳାମାନଙ୍କୁ ଧର୍ମାନୁଷ୍ଠାନରେ ଗ୍ରହଣ କରିଥିଲେ ।

ମଧ୍ୟମ ଯୁଗରୁ ଚାଲି ଆସିଥିବା ସତୀ, ଯାଉହାର, ଦେବଦାସୀ ପରମ୍ପରା ସବୁ ଆଧୁନିକ ଯୁଗରେ ଉଚ୍ଛେଦ କରାଯାଇଛି । ତେବେ ଆଜି ମଧ୍ୟ କେତେକ ଆଭ୍ୟନ୍ତରୀଣ ସ୍ଥାନରେ ଏହି ଅନ୍ଧବିଶ୍ୱାସମୂଳକ କାର୍ଯ୍ୟ ଚାଲିଥିବାର ଜଣାପଡେ । ପରଦା ପ୍ରଥା ମଧ୍ୟ କେତେକ ସ୍ଥାନରେ ରହିଆସିଛି । ବାଲ୍ୟ ବିବାହ ମଧ୍ୟ ବିରଳ ଭାବରେ କେତେକ ସ୍ଥାନରେ ହାଉଥିବାର ଜଣାପଡିଥାଏ । ବ୍ରିଟିଶ ରାଜ ସମୟରେ ଅନେକ ସମାଜ ସଂସ୍କାରକଙ୍କ ଆବିର୍ଭାବ ହେଇଥିଲା । ସେମାନଙ୍କ ମଧ୍ୟରୁ ରାଜା ରାମ ମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ଜ୍ୟୋତିରାୟ ଫୁଲେ ପ୍ୟାରି ଚରଣ ସରକାର ଅନ୍ୟତମ । ଡିଗ୍ରୀ ଶିକ୍ଷା ହାସଲ କରିଥିବା ସର୍ବପ୍ରଥମ ମହିଳାମାନଙ୍କ ଭିତରେ ଚନ୍ଦ୍ରମୁଖୀ ବସ, କାଦମ୍ବିନୀ ଗାଙ୍ଗୁଲୀ ଓ ଆନନ୍ଦୀ ଗୋପାଳ ଯୋଶୀ ଅଗ୍ରଣୀ ଥିଲେ। ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ମହିଳାଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା । ଭିକାଜି କାମା, ଡାଃ ଆନି ବେଶାନ୍ତ, ପ୍ରୀତି ବାଡେଲାଲ, ବିଜୟଲକ୍ଷ୍ମୀ ପଣ୍ଡିତ, ରାଜକୁମାରୀ ଅମୃତ କୌର, ସୁଚେତା କୃପାଳନୀ, ଅରୁଣା ଆସଫ ଅଲି, କସ୍ତୁରବା ଗାନ୍ଧୀ ଓ ଆହୁରି ଅନେକ ନହିଳା ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଅନେକ ତ୍ୟାଗ ସ୍ୱୀକାର କରିଥିଲେ ।

ବିଗତ ସହସ୍ରାବ୍ଦୀ ବର୍ଷଧରି ଭାରତୀୟ ମହିଳାମାନଙ୍କ ପରିସ୍ଥିତିରେ ଅନେକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟି ଆସିଛି । ସେମାନଙ୍କ ଜୀବନଶୈଳୀ, ସ୍ୱାଧୀନତା, ସାମାଜିକ ସ୍ଥିତିରେ ବହୁ ଉତ୍ଥାନ ପତନ ଘଟିଛି । ଅତି ପ୍ରାଚୀନ କାଳରୁ ମଧ୍ୟଯୁଗ ମଧ୍ୟରେ ତାଙ୍କର ସ୍ଥିତିରେ କ୍ରମାଗତ ଅବନତି ଘଟିଆସି ଥିଲା। ସେମାନଙ୍କୁ ଅନେକ ଅଧିକାରରୁ ବଞ୍ଚିତ କରାଯାଉଥିଲା । ଏପରିକି କୁସଂସ୍କାର ବଶତଃ ସେମାନଙ୍କୁ ବିଦ୍ୟାଳୟରେ ପାଠ ପାଇଁ ବାରଣ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ସମୟାନୁକ୍ରମେ ପରିବର୍ତ୍ତନ ଘଟିଛି ଏବଂ ଭାରତରେ ମହିଳାମାନେ ସମସ୍ତ କ୍ଷେତ୍ରରେ ରହିଛନ୍ତି । ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ରାଜନୀତି, ସମ୍ବାଦିକତା ଓ ଅନ୍ୟ ମିଡ଼ିଆ, ଫିଲ୍ମ ସବୁଥିରେ ମହିଳାମାନେ ତାଙ୍କ ସ୍ଥାନ ଦଖଲ କରିଛନ୍ତି । ସେଥିପାଇଁ ନାରୀଙ୍କୁ ମାନବ ମାନଙ୍କ ଭିତରେ ସର୍ବଶ୍ରେଷ୍ଠ ବୋଲି ପ୍ରତିପାଦନ କରାଯାଏ –

**' ଭୋଜନେସୁ ମାତା ,**
**କରଣେସୁ ଦାସୀ ।**
**କାର୍ଯ୍ୟେସୁ ମନ୍ତ୍ରୀ ,**
**ଶୟନେସୁ ରମ୍ଭା ।'**

ନାରୀ ତଥାପି ଅନନ୍ୟା, ଅଚଳା ଓ ଅବିସ୍ମରଣୀୟା ଇତିହାସ ଏବଂ ବର୍ତ୍ତମାନଟିଏ । କେଜାଣି କେଉଁକାଳରୁ ଆହୁରି କେତେକାଳ ଯାଏଁ ସେ ପୂଜିତା ଏବଂ ସ୍ମରଣିକା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ମାର୍ଚ୍ଚ, ସୋମବାର, ୨୦୨୫


# ଗୁଜରାଟ ଟାଇଟନ୍ସର ସହାୟକ କୋଚ୍ ଭାବେ ନିଯୁକ୍ତ ହେଲେ ମାଥ୍ୟୁ ୱେଡ୍



**ନୂଆଦିଲ୍ଲୀ**

ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ ପାଇଁ ଗୁଜରାଟ ଟାଇଟନ୍ସ (ଜିଟି) ଅଷ୍ଟ୍ରେଲିଆର ପୂର୍ବତନ ଉଇକେଟକିପର-ବ୍ୟାଟର ମାଥ୍ୟୁ ୱେଡ୍‌ଙ୍କୁ ଦଳର ସହାୟକ କୋଚ୍ ଭାବେ ନିଯୁକ୍ତ କରିଛି। ୱେଡ୍ ୨୦୨୨ ଓ ୨୦୨୪ରେ ଗୁଜରାଟ ଫ୍ରାଞ୍ଚାଇଜି ସହିତ ଜଣେ ଖେଳାଳି ଭାବେ ଯୋଡ଼ି ହୋଇଥିଲେ। କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିବା ପରେ ସେ ଆଇପିଏଲ ମେଗା ଅକ୍ସନରେ ଭାଗ ନେଇ ନ ଥିଲେ।

ୱେଡ ଆଇପିଏଲରେ ମାତ୍ର ୧୫ଟି ମ୍ୟାଚ୍ ଖେଳିଥିଲେ। ସେଥିରୁ ସେ ୧୨ ମ୍ୟାଚ୍ ଜିଟି ପାଇଁ ଖେଳିଥିଲେ। ୨୦୨୨ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଟାଇଟଲ ଜିତିଥିବା ଜିଟି ଦଳର ସେ ସଦସ୍ୟ ଥିଲେ। ଆଶିଷ ନେହେରାଙ୍କ ନେତୃତ୍ୱାଧୀନ ସପୋର୍ଟ ଟିମ୍‌ରେ ୱେଡ କାର୍ଯ୍ୟ କରିବେ। ତାଙ୍କ ସହିତ ସପୋର୍ଟ ଷ୍ଟାଫଙ୍କ ମଧ୍ୟରେ ବ୍ୟାଟିଂ କୋଚ ପାର୍ଥିବ ପଟେଲ, ଆଶିଷ କାପୁର ଓ ନରେନ୍ଦ୍ର ନେଗୀ ଜିଟି ସପୋର୍ଟ ଷ୍ଟାଫର ସଦସ୍ୟ ରହିଛନ୍ତି।

# ଫାଇନାଲରେ ବିଶ୍ୱ ରେକର୍ଡର ସମକକ୍ଷ ହେଲେ ରୋହିତ ଶର୍ମା

**ଦୁବାଇ**

ଚାମ୍ପିଅନ୍ସ ଟ୍ରଫି ଫାଇନାଲ ମୁକାବିଲାରେ ଖେଳିଥିଲେ ଟିମ୍ ଇଣ୍ଡିଆ-ନ୍ୟୁଜିଲାଣ୍ଡ। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଟସ୍ ହାରି ଭାରତୀୟ ଅଧିନାୟକ ରୋହିତ ଶର୍ମା ବିଶ୍ୱରେକର୍ଡ କରିଥିଲେ। ଦିନିକିଆରେ ଲଗାତାର ଭାବେ ଦଳ ୧୫ତମ ଟସ୍ ହାରିଥିବା ବେଳେ ରୋହିତ ୧୨ତମ ଟସ୍ ହାରିଥିଲେ। ସେ ଏହି ମାମଲାରେ ବ୍ରାଏନ୍ ଲାରାଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଫାଇନାଲର ମ୍ୟାଚ୍ ଫଳାଫଳ ପୂର୍ବରୁ ଟସ୍ ଉପରେ ସମସ୍ତଙ୍କ ନଜର ଥିଲା। କିନ୍ତୁ ଏଥର ମଧ୍ୟ ସମାନ ଘଟଣା ଘଟିଥିଲା।



ରୋହିତ ପୁଣିଥରେ ଟସ୍ ଫିଙ୍ଗିଥିଲେ ସତ, ହେଲେ ସଫଳତା ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନରଙ୍କୁ ମିଳିଥିଲା। ଏହି ଫାଇନାଲରେ ସାଣ୍ଟନର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ସହିତ ଭାରତୀୟ ଅଧିନାୟକ ରୋହିତ ଶର୍ମା। ଏକଦିବସୀୟ କ୍ରିକେଟରେ ସର୍ବାଧିକ ଲଗାତାର ଟସ୍ ହାରିବାର ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି। ଏହା ଲଗାତାର ୧୨ତମ ଓଡିଆଇ ମ୍ୟାଚ୍ ଯେଉଁଥିରେ ରୋହିତ ଟସ୍ ହାରିଛନ୍ତି। ଏହିପରି ସେ ପୂର୍ବତନ ୱେଷ୍ଟଇଣ୍ଡିଜ ଅଧିନାୟକ ବ୍ରାଏନ ଲାରାଙ୍କ ସମକକ୍ଷ ହୋଇଥିଲେ। ଲାରା ୧୯୯୯ ପାଖାପାଖି ଲଗାତାର ୧୨ଟି ଓଡିଆଇ ମ୍ୟାଚ୍‌ରେ ଟସ୍ ହାରି ଏହି ରେକର୍ଡ ମଧ୍ୟ କରିଥିଲେ। ଟିମ୍ ଇଣ୍ଡିଆ ଲଗାତାର ୧୫ତମ ମ୍ୟାଚ୍ ପାଇଁ ଟସ୍ ହାରିଛି। ରୋହିତଙ୍କ ଅନୁପସ୍ଥିତିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତିନୋଟି ଦିନିକିଆ ମ୍ୟାଚ୍‌ରେ ଅଧିନାୟକତ୍ୱ କରିଥିବା କେଏଲ ରାହୁଲ ମଧ୍ୟ ତିନିଥର ଟସ୍ ହାରିଥିଲେ।

କେବଳ ଏତିକି ନୁହେଁ ରୋହିତ ଶର୍ମା ଡବ୍ଲୁଟିସି (୨୦୨୩), ଓଡିଆଇ ବିଶ୍ୱକପ (୨୦୨୩), ଟି-୨୦ ବିଶ୍ୱକପ (୨୦୨୪) ଏବଂ ଚାମ୍ପିଅନ୍ସ ଟ୍ରଫି (୨୦୨୫)ର ଫାଇନାଲରେ ପହଞ୍ଚିଥିବା ପ୍ରଥମ ଅଧିନାୟକ ହୋଇଛନ୍ତି।

# ବିଜୟ ପରେ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛାର ସୁଅ : ପ୍ରଧାନମନ୍ତ୍ରୀ କହିଲେ-ଆମେ ଗର୍ବିତ



**ନୂଆଦିଲ୍ଲୀ**

ରବିବାର ଦୁବାଇରେ ଖେଳାଯାଇଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫିର ଫାଇନାଲ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪ ୱିକେଟରେ ହରାଇ ଇତିହାସ ରଚିଛି ଭାରତ। ବଡ଼ କଥା ହେଲା ଭାରତୀୟ ଟିମ୍ ଆଇସିସି ଇଭେଣ୍ଟରେ ଲଗାତାର ଦ୍ୱିତୀୟ ଥର ଜିତି ଟ୍ରଫି ନିଜ ନାଁରେ କରିଛି। ସେପଟେ ଟିମ୍ ଇଣ୍ଡିଆର ଏହି ବିଜୟ ପରେ ଏବେ ଦଳକୁ ଛୁଟିଛି ଶୁଭେଚ୍ଛାର ସୁଅ। ଫ୍ୟାନ୍ସଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ସମସ୍ତେ ଜଣାଇଛନ୍ତି ଶୁଭେଚ୍ଛା।

ପ୍ରଧାନମନ୍ତ୍ରୀ, ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି 'ଏକ ଅସାଧାରଣ ଖେଳ ଏବଂ ଅସାଧାରଣ ପରିଣାମ! ଆଇସିସି ଚାମ୍ପିୟନ୍ସ ଟ୍ରଫି ଘରକୁ ଆଣିଥିବାରୁ ଆମ କ୍ରିକେଟ ଟିମ୍ ଉପରେ ଆମେ ଗର୍ବିତ। ସମସ୍ତେ ପୂରା ଟୁର୍ଣ୍ଣାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଏଥିପାଇଁ ଶୁଭେଚ୍ଛା।'

ସେହିଭଳି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇ କହିଛନ୍ତି, 'ଏହି ବିଜୟ ଇତିହାସ ରଚିଛି। ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଉଲ୍ଲେଖନୀୟ ବିଜୟ ହାସଲ କରିଥିବାରୁ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା।' ସେ ଆହୁରି କହିଛନ୍ତି ଆପଣମାନେ ଦେଶକୁ ଗର୍ବିତ କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇ କହିଛନ୍ତି, '୨୦୨୫ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିବା ପାଇଁ ଟିମ୍ ଇଣ୍ଡିଆକୁ ହାର୍ଦ୍ଦିକ ଅଭିନନ୍ଦନ। ତିନିଥର ଟ୍ରଫି ଜିତିବାରେ ଭାରତ ଏକମାତ୍ର ଦଳ ହୋଇପାରିଛି। କ୍ରିକେଟ୍ ଇତିହାସ ସୃଷ୍ଟି ପାଇଁ ଖେଳାଳି, ପରିଚାଳନା ଏବଂ ସହାୟକ କର୍ମଚାରୀମାନେ ସର୍ବାଧିକ ପ୍ରଶଂସା ପାଇବାକୁ ଯୋଗ୍ୟ। ମୁଁ ଭାରତୀୟ କ୍ରିକେଟ୍ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।'

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଫାଇନାଲରେ ଉଲ୍ଲେଖନୀୟ ବିଜୟ ପାଇଁ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା। ନ୍ୟୁଜିଲାଣ୍ଡ୍ ବିପକ୍ଷରେ ଉତ୍ତମ ପ୍ରଦର୍ଶନ, କୌଶଳ, ଦୃଢ଼ ସଂକଳ୍ପ ଏବଂ ଖେଳ ଭାବନାକୁ ଦର୍ଶାଉଛି। ଆଜି ପୂରା ଦେଶ ଗର୍ବିତ।

ସେହିଭଳି ଲୋକସଭା ବିରୋଧୀ ନେତା ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି 'ଟିମ୍ ଇଣ୍ଡିଆ ଟୁର୍ଣ୍ଣାମେଣ୍ଟରେ ପ୍ରଦର୍ଶନ, ପ୍ରକୃତରେ ପ୍ରେରଣାଦାୟୀ।'

# ଜାତୀୟ ମାଷ୍ଟର ଗେମ୍ସ: କଳାହାଣ୍ଡି ଖେଳାଳି ଜିତିଲେ ୬ ସ୍ୱର୍ଣ୍ଣ, ୩ ରୌପ୍ୟ ପଦକ

**ଭବାନୀପାଟଣା**

ମାଷ୍ଟର ଗେମ୍ସ ଫେଡ଼େରେସନ ଇଣ୍ଡିଆ ପକ୍ଷରୁ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମଠାରେ ଗତ ୬ରୁ ୯ ତାରିଖ ଯାଏ ୭ମ ଜାତୀୟ ମାଷ୍ଟର ଗେମ୍ସ ୨୦୨୪-୨୫ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ୩ଜଣ ବରିଷ୍ଠ ଖେଳାଳି ଅଂଶଗ୍ରହଣ କରି କମାଲ କରିଛନ୍ତି। ସେମାନେ ୬ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ବିଜେତା ହୋଇଛନ୍ତି। ମାଷ୍ଟର ଖେଳାଳି ଦୁର୍ଗାଚରଣ ମିଶ୍ର ସଟପୁଟ୍, ଡିସ୍କସ ଥ୍ରୋ ଓ ହେମର ଥ୍ରୋରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ସେହିପରି ଟି. ରାମକୃଷ୍ଣ ୫ କିମି ୱାକ, ୮୦୦ ମିଟର ଦୌଡ଼ ଓ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ସହରର ମାଷ୍ଟର ଖେଳାଳି ଭବାନୀ ଶଙ୍କର ପଣ୍ଡା ୫ କିମି ୱାକ, ଲମ୍ବଡ଼ିଆଁ ଓ ଉଚ୍ଚ ଡିଆଁରେ ରୌପ୍ୟ ପଦକ ବିଜେତା ହୋଇଛନ୍ତି। ଜାତୀୟ ମାଷ୍ଟର ଗେମ୍ସରେ ପଦକ ବିଜେତା କଳାହାଣ୍ଡିର ଏହି ତିନି ଜଣ ମାଷ୍ଟର ଖେଳାଳିଙ୍କୁ ଲୋକ ସଭା ଏମ୍‌ପି ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ବରିଷ୍ଠ ନାଗରିକ ସଂଘ କଳାହାଣ୍ଡିର ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ, କାର୍ଯ୍ୟକାରୀ ସଭାପତି ମଳୟ କୁମାର ମୁଣ୍ଡ ଓ ସୁରେଶ ଚନ୍ଦ୍ର ପଟ୍ଟନାୟକ, ବ୍ରାହ୍ମଣ ସମାଜ କଳାହାଣ୍ଡିର ସଭାପତି ଜଗନ୍ନାଥ ମୁଣ୍ଡ, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ଓଡ଼ିଶା ଆଥ୍ଲେଟିକ ଆସୋସିଏସନ ସଭାପତି ତଥା କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଜଗ ମୋହନ ପଟ୍ଟନାୟକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଶରତ ଚନ୍ଦ୍ର ନାୟକ, ସମ୍ପାଦକ ରାଜେନ୍ଦ୍ର ସାହୁ ସମେତ ବହୁ କ୍ରୀଡ଼ାପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି।



# ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ମ୍ୟାଚ୍ ପାଇଁ ଲାଗିଥିଲା ୫୦୦୦ କୋଟି ଟଙ୍କାର ବେଟିଂ!



**ନୂଆଦିଲ୍ଲୀ**

ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ମେଗା ମ୍ୟାଚ୍ ପାଇଁ ଏପର୍ଯ୍ୟନ୍ତ ୫୦୦୦ କୋଟି ଟଙ୍କାର ବେଟିଂ ହୋଇସାରିଛି। ଚଳିତ ଚାମ୍ପିଅନ୍ସ ଟ୍ରଫିରେ ଦିଲ୍ଲୀ ପୋଲିସର କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ଅତି କମ୍‌ରେ ପାଞ୍ଚ ଜଣ ବଡ଼ ସଟ୍ଟାବାଜଙ୍କୁ ଗିରଫ କରିସାରିଛି। ଗିରଫ ସଟ୍ଟାବାଜଙ୍କୁ ପଚରାଉଚରା କରିବା ପରେ, ତଦନ୍ତରେ ଦୁବାଇ ଦିଗଟି ସାମ୍ନାକୁ ଆସିଥିଲା। ଏନଡିଟିଭିର ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ସଟ୍ଟାବାଜମାନଙ୍କର ଅଣ୍ଡରୱାର୍ଲ୍ଡ ସହିତ ସମ୍ପର୍କ ଅଛି। ପୋଲିସ ବାଜି ପାଇଁ ବ୍ୟବହୃତ ଅନେକ ଇଲେକ୍ଟ୍ରୋନିକ ଉପକରଣ ଏବଂ ଜିନିଷପତ୍ର ମଧ୍ୟ ଜବତ କରିଛି। ରିପୋର୍ଟ ଅନୁଯାୟୀ, ଦାଉଦ ଇବ୍ରାହିମର 'ଡି କମ୍ପାନୀ' ସର୍ବଦା ଦୁବାଇରେ ବଡ଼ କ୍ରିକେଟ ମ୍ୟାଚ୍ ଉପରେ ସଟ୍ଟା ଲଗାଇବାରେ ସାମିଲ ରହିଛି।

ଅନ୍ତର୍ଜାତୀୟ ବେଟିଂ ବଜାର ଅନୁସାରେ, ଟିମ ଇଣ୍ଡିଆ ୨୦୨୫ ଚାମ୍ପିଅନ୍ସ ଟ୍ରଫିର ବିଜେତା ହେବ। ସଟ୍ଟାବାଜମାନଙ୍କ ଅନୁସାରେ, ଟିମ୍ ଇଣ୍ଡିଆ ଏହି ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଅପରାଜିତ ରହିଛି ଏବଂ ଏହାର ସମସ୍ତ ମ୍ୟାଚ୍ ସେହି ଗ୍ରାଉଣ୍ଡରେ ଖେଳାଯାଇଛି ଯେଉଁଠାରେ ରବିବାର ଫାଇନାଲ ଖେଳାଯାଇଥିଲା।

## ପ୍ରଥମ ମେଜର ଧ୍ୟାନଚାନ୍ଦ ସ୍ମାରକୀ ହକି ପ୍ରତିଯୋଗିତା

# ସମ୍ବଲପୁର ଦଳକୁ ୪-୨ ଗୋଲରେ ହରାଇଲା ବାମରା ଦଳ

**ସମ୍ବଲପୁର**

ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ପ୍ରଥମ ମେଜର ଧ୍ୟାନଚାନ୍ଦ ସ୍ମାରକୀ ଏକ ଦିବସୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ନର୍ଦ୍ଦନଷ୍ଟାର କ୍ଲବ, ସମ୍ବଲପୁର, କଦେଲପାଳ ବଡ଼ମାଳର ଗୋଲଡେନ କ୍ଲବ, ଜମନକିରାର ହିନ୍ଦ କ୍ଲବ, ମେଘପାଳର ନିଉ ରାଇଜିଂ ଷ୍ଟାର କ୍ଲବ, ପଡ଼ିଆବାହାଲର ଗାନ୍ଧୀ କ୍ଲବ, ବାମରା ଫିରିଙ୍ଗିମାଲର ପ୍ରେମଚାନ୍ଦ କ୍ଲବ, ନାକଟିଦେଉଳର ପ୍ରେମଚାନ୍ଦ କ୍ଲବ ଏବଂ ଯୁଯୁମୁରାର ଧ୍ୟାନଚାନ୍ଦ କ୍ଲବଙ୍କ ସମେତ ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ।



ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ନର୍ଦ୍ଦନଷ୍ଟାର ସମ୍ବଲପୁର ଓ ଫିରିଙ୍ଗିମାଲ ବାମରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାମରା ଦଳ ୪-୨ ଗୋଲରେ ସମ୍ବଲପୁର ଦଳକୁ ହରାଇ ବିଜୟୀ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଜେଡି ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଜୟୀ ଦଳକୁ ୧୫ ହଜାର ଟଙ୍କା ଓ ଟ୍ରଫି ଏବଂ ଉପ ବିଜେତା ଦଳକୁ ଟ୍ରଫି ସହିତ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ଜିଲ୍ଲା କ୍ରୀଡ଼ା ସଂଘର ହକି ସମ୍ପାଦକ ବିନୋଦ ଟପ୍ପୋଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲା ଉପ ସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, ଅବିନାଶ ନନ୍ଦ, ବିକାଶ କେଶର ମିଶ୍ର, ଅବଦୁଲ ଗଫାର, ରାଜେଶ ସେଠ, ଶାନ୍ତନୁ ନନ୍ଦ, ରତିକାନ୍ତ ମହାନ୍ତି, ସୁବୋଧ ସାହୁ, ମନୋଜ ଭୋଇ, ପ୍ରବଣୀ ସିଂଦେଓ, ମହମ୍ମଦ ଇସାକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଅନ୍ତର୍ଜାତିକ ମହିଳା ଦିବସରେ ମହିଳା ବିଜେଡିର ସମାବେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଅନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ବିଜୁ ଜନତା ଦଳର ମହିଳାଶାଖା ପକ୍ଷରୁ ଏକ ସମାବେଶ ଓ ଆଲୋଚନା ଚକ୍ର ବ୍ଲକ ସଭାପତି ସୁମିତ୍ରା ପାଢ଼ୀଙ୍କ ଅଧକ୍ଷତାରେ ମ୍ୟୁନିସିପାଲିଟି ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, ପୌର ଅଧକ୍ଷା ସରିତା ସାହୁ, ବ୍ଲକ୍ ଅଧକ୍ଷା ରଶ୍ମିତା ସେଠୀ, ପୌର ଉପାଧକ୍ଷା ଆକବରୀ ଖାତୁନ, ପୂର୍ବତନ ସରପଞ୍ଚ ଜିନତ ପ୍ରିୟଦର୍ଶିନୀ, ନଗର ସଭାପତି ସ୍ୱୟଂପ୍ରଭା କର, ନିର୍ମଳା ମହାନ୍ତି, ଗୀତାଞ୍ଜଳି ବସ୍ତିଆ, ସ୍ମୃତିପ୍ରଜ୍ଞା ଶତପଥୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶିନୀ ତରାଇ ପ୍ରମୁଖ ଉପସ୍ଥିତ ରହି ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହା ସହ ବିଜୁ ଜନତା ଦଳ ସବୁବେଳେ ମହିଳା ମାନଙ୍କ ବିକାଶ ଓ ଅଗ୍ରଗତି ପାଇଁ ଅତୀତରେ ବହୁ କାର୍ଯ୍ୟକ୍ରମ ହାତକୁ ନେଇ ସଫଳତାର ସହ ପରିଚାଳନା କରିଥିବା ବେଳେ ମହିଳାମାନଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦେଇ କାର୍ଯ୍ୟ କରି ଆସୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଆଗାମୀ ଦିନରେ ମହିଳା ମାନଙ୍କୁ ଅଧିକ ସକ୍ରିୟ କରାଇ ୨ଗୁଣ ବିକାଶରେ କାର୍ଯ୍ୟ କରିବ ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦିଲ୍ଲୀ ଠାରେ ସମ୍ବର୍ଦ୍ଧିତ ହୋଇଥିବା ଭାଗବତପୁର ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ଅଧିନ ବିଭିନ୍ନ ପଞ୍ଚାୟତ ମାନଙ୍କରୁ ବହୁ ସଂଖ୍ୟକ ମହିଳା ଓ ନାରୀ ନେତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ରଂଜିତ ସାହୁ, ଆଲୋକ ସାହୁ, ଯଜାତି କେଶରି ମହାନ୍ତି, ସସ୍ମିତ୍ ଶ୍ରୀଚନ୍ଦନ, ହିରଣ୍ୟ ପଣ୍ଡା, ପ୍ରଦିପ୍ତ ମହାନ୍ତି, ପ୍ରତାପ ମହାପାତ୍ର, ସ୍ୱାଧୀନ ନାୟକ ଓ ପ୍ରଦିପ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।



# ନାରୀମାନଙ୍କ ବିନା ସୃଷ୍ଟି ଅସମ୍ଭବ : ତାଙ୍କୁ ନେଇ ସବୁକିଛି ଚିନ୍ତା କରାଯାଇପାରେ'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅନ୍ତର୍ଜାତୀୟ ମହିଳା ଦିବସ ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଜପୁର ଠାରେ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା କହିଲେ ସାରା ବିଶ୍ୱରେ ଏହି ଦିନଟି ନାରୀ ମାନଙ୍କ ପାଇଁ ଉତ୍ସର୍ଗୀକୃତ। ଏହି ଦିବସରେ କିପରି ନାରୀ ମାନଙ୍କର ଉନ୍ନତି ହେବ, ପୁରୁଷ ପ୍ରାଧାନ୍ୟ ସମାଜରେ ତାଙ୍କର ସ୍ୱତନ୍ତ୍ର ପରିଚୟ କିପରି ରହିବ, ସେମାନେ କିପରି ସେମାନଙ୍କ ପାଇଁ ଥିବା ଆଇନଗତ ସହାୟତା ନିମନ୍ତେ ସଚେତନ ହେବେ ଏହି ସବୁ ଦିଗପ୍ରତି ଆଲୋକପାତ କରିଥିଲେ। ନାରୀମାନଙ୍କ ବିନା ସୃଷ୍ଟି ଅସମ୍ଭବ ତାଙ୍କୁ ନେଇ ସବୁକିଛି ଚିନ୍ତା କରାଯାଇପାରେ, ତେଣୁ ସେହିମାନଙ୍କ ଉନ୍ନତି ପାଇଁ ଯେଉଁ ବ୍ୟବସ୍ଥା ଅଛି ସେଥିପ୍ରତି ସେମାନଙ୍କୁ ସଚେତନ କରାଇବା ଆଜି ଏହି ଦିବସର ମୂଳ ଲକ୍ଷ୍ୟ। ଆଜି ଆନ୍ତର୍ଜାତୀୟ ମହିଳା ଦିବସରେ ସମସ୍ତ ମା' ଭଉଣୀ ମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି। ଏହି ଦିବସରେ ଅଧକ୍ଷତା କରି ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ କହିଲେ ମହିଳାମାନଙ୍କର ପ୍ରାଧାନ୍ୟ ବହୁ ଆଗରୁ ରହିଛି ଏବଂ ଆଗକୁ ରହିବ ମଧ୍ୟ। ସବୁ କ୍ଷେତ୍ରରେ ଏବେ ମହିଳାମାନେ ଆଗୁଆ ଅଛନ୍ତି। କ୍ରୀଡ଼ା, ଅନ୍ତରୀକ୍ଷ, ବିଜ୍ଞାନ, କୌଶଳ ସବୁ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ବହୁ ମାତ୍ରାରେ ରହିଛି। ଆଇରନ ଲେଡି ଇନ୍ଦିରା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ପିଟି ଉଷା, ମାଡାମ୍ କ୍ୟୁରୀ ପର୍ଯ୍ୟନ୍ତ ସମସ୍ତେ ଆମ ପାଇଁ ମହିଳା ସଶକ୍ତିକରଣର ଏକ ଉଦାହରଣ। ଶିଶୁ କଲ୍ୟାଣ ସମିତିର ଅଧକ୍ଷା ରେବ୍ବୋନା ଜେନା ଯୋଗ ଦେଇ ସମସ୍ତଙ୍କୁ ଆନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇବା ସହ କହିଲେ ଆଜି ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ବହୁତ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଥାଇ ସେମାନଙ୍କର ସ୍ୱତନ୍ତ୍ରତାକୁ ପ୍ରତିପାଦନ କରୁଛନ୍ତି। ଘରଠାରୁ ଆରମ୍ଭ କରି ବାହାର ବିଭିନ୍ନ କାର୍ଯ୍ୟରେ ନିଜର କର୍ତ୍ତବ୍ୟକୁ ସୁଚାରୁ ରୂପେ ତୁଲାଇ ଆସିଛନ୍ତି। ସମାଜର କିଛି ହୀନ ମାନସିକତା ପ୍ରକୃତିର ଲୋକମାନଙ୍କ ପାଇଁ ଆଜିବି ନାରୀ କେଉଁଠି ନା କେଉଁଠି ନିଷ୍ପେସିତ ଓ ପ୍ରଭାବିତ। ଏହି ଦିବସରେ ଯୋଗଦେଇ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କହିଲେ ମହିଳା ମାନଙ୍କର ଶିକ୍ଷା, ସୁରକ୍ଷା, ସଶକ୍ତିକରଣ ସାମାଜିକ କ୍ଷେତ୍ରରେ ସେମାନଙ୍କର ଗୁରୁତ୍ୱ ପ୍ରତିପାଦନ କରିଥାଏ। ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ମହିଳାମାନଙ୍କର ବିଶେଷ ଭୂମିକା ରହିଛି। ସରକାର ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ମହିଳା ମାନଙ୍କ ମୌଳିକ ଅଧିକାରର ସୁରକ୍ଷା ନିମନ୍ତେ ଥିବା ବିଭିନ୍ନ ଅଧିନିୟମର ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସିଡିପିଓ ବିଂଝାରପୁର ରୁକ୍ମଣୀ ସାହୁ ଏବଂ ମହିଳା ସୁପରଭାଇଜର ଦାନଗଦି ବ୍ଲକର ପୁଷ୍ପଲତା ସେଠୀ, ଦଶରଥପୁର ବ୍ଲକର ଜୟନ୍ତୀ ସାହୁ, କୋରେଇ ବ୍ଲକର ସୁଚିସ୍ମିତା ଜେନା, ୪ ଜଣ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ଏହି ଦିବସକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜିନୀ ଦାସ ପରିଚାଳନା କରିଥିଲେ। ପରିଶେଷରେ ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଏଫଏମୟୁରେ ଜୀବଯୁକ୍ତି ଏବଂ ଜୀବପ୍ରଯୁକ୍ତିରେ ନୂତନ ଅଭିନବତା ସଂପର୍କିତ ଜାତୀୟ ସମ୍ମିଳନୀ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଜୀବଯୁକ୍ତି ଏବଂ ଜୀବପ୍ରଯୁକ୍ତିରେ ନୂତନ ଅଭିନବତା ପାଇଁ ମଲ୍ଟି-ଓମିକ୍ସ ଅଭିଗମନ' ଶୀର୍ଷକ ଏକ ପ୍ରବର୍ତ୍ତକ ସମ୍ମିଳନୀର ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀ ଜୀବଯୁକ୍ତି ଏବଂ ଜୀବପ୍ରଯୁକ୍ତି ବିଭାଗରେ ମଲ୍ଟି-ଓମିକ୍ସ ପ୍ରଯୁକ୍ତିଗୁଡ଼ିକର ସମ୍ପ୍ରତି ଉନ୍ନତି ଏବଂ ପ୍ରୟୋଗ ବିଷୟରେ ଆଲୋଚନା କରିବା ପାଇଁ ଅଗ୍ରଗାମୀ ବିଶେଷଜ୍ଞ, ଗବେଷକ ଏବଂ ଛାତ୍ରଛାତ୍ରୀଙ୍କୁ ଏକତ୍ରିତ କରିଥିଲା। ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତା କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ସମ୍ମିଳନୀର ସଂଯୋଜକ ଡକ୍ଟର ଭରତ ଭୂଷଣ ପଟ୍ଟନାୟକ ଏବଂ ଆୟୋଜନ ସଚିବ ଡକ୍ଟର ଏଲସା ପଣ୍ଡିତ ଉପସ୍ଥିତ ଥିଲେ। ସମ୍ମିଳନୀରେ ଏକ ଅନୁଭବଶୀଳ ପ୍ରସ୍ତୁତି ଏବଂ ଆଲୋଚନା ହୋଇଥିଲା, ଯାହା ଜୀବଯୁକ୍ତି ଏବଂ ଜୀବପ୍ରଯୁକ୍ତିର ଅନେକ ଚ୍ୟାଲେଞ୍ଜ ଦୃଷ୍ଟିରେ ନୂତନ ଅଭିଗମନ ବିକଶ କରିବାରେ ମଲ୍ଟି-ଓମିକ୍ସ ପ୍ରଯୁକ୍ତିର ଏକ ବିପ୍ଳବାତ୍ମକ ସମ୍ଭାବନା ଉନ୍ମୋଚନ କରିଥିଲା। କାର୍ଯ୍ୟକ୍ରମରେ ପ୍ରମୁଖ ବକ୍ତା ଭାବେ ଡକ୍ଟର ଅରୁଣ ଏସ. ନିନାୱେ, ଡ଼କ୍ଟର ଦେବାଶିଷ ଦାଶ, ଡକ୍ଟର ବିଜୟ କୁମାର ସାହୁ, ଡକ୍ଟର ଜିତେନ୍ଦ୍ର କୁମାର ସୁନ୍ଦରାଏ, ଡକ୍ଟର ଶରତ କୁମାର ପ୍ରଧାନ, ଡକ୍ଟର ଭାସ୍କର ସାହା, ଡ଼କ୍ଟର କମଳା କାନ୍ତ ସତପଥୀ ଏବଂ ଡକ୍ଟର ଏନ୍. ଥାଜୁଦ୍ଦିନ ଯୋଗଦେଇଥିଲେ। ସେମାନେ ନିଜ ଅଭିଭାଷଣରେ ଜୀନୋମିକ୍ସ, ପ୍ରୋଟିଓମିକ୍ସ, ଟ୍ରାନ୍ସକ୍ରିପ୍ଟୋମିକ୍ସ ଏବଂ ମେଟାବୋଲୋମିକ୍ସ ଇତ୍ୟାଦିକୁ ଏକତ୍ର କରି ଜୀବାଣୁ ଗୋଷ୍ଠୀଗୁଡ଼ିକର ଜଟିଳତା ବୁଝିବା ଏବଂ ଜୀବପ୍ରଯୁକ୍ତିର ଏକ ନୂତନ ଅଭିଗମନ ଉନ୍ନତ କରିବା ବିଷୟରେ ତାଙ୍କ ଅନୁଭବ ଉପସ୍ଥାପିତ କରିଥିଲେ। ଏହି ସମ୍ମିଳନୀ ନୂତନ ଗବେଷକ ଏବଂ ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଗବେଷଣା କାର୍ଯ୍ୟ ପ୍ରଦର୍ଶନ କରିବା ଏବଂ ବିଶେଷଜ୍ଞମାନଙ୍କ ସହ ଉପଯୁକ୍ତ ଆଲୋଚନା କରିବା ପାଇଁ ଏକ ବିଶେଷ ମଞ୍ଚ ପ୍ରଦାନ କରିଥିଲା। ଏହାର ଶେଷ ଦିବସରେ ଏକ ପ୍ୟାନେଲ ଆଲୋଚନା ହୋଇଥିଲା, ଯେଉଁଥିରେ ମାନବ ସ୍ୱାସ୍ଥ୍ୟ, କୃଷି ଏବଂ ପରିବେଶୀୟ ସୁସ୍ଥତା ଅଞ୍ଚଳରେ ମଲ୍ଟି-ଓମିକ୍ସ ପ୍ରଯୁକ୍ତିର ଭବିଷ୍ୟତ ମୁଖ୍ୟ ପ୍ରଭାବ ଏବଂ ସମ୍ଭାବନା ବିଷୟରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟରେ ହେଉଥିବା ଜୀବଯୁକ୍ତି ଏବଂ ଜୀବପ୍ରଯୁକ୍ତି କ୍ଷେତ୍ରର ନୂତନ ଗବେଷଣା ଏବଂ ନୂତନ ଅଭିନବତାକୁ ଉନ୍ନତ କରିବାର ପ୍ରତିବଦ୍ଧତା ଏହି ସମ୍ମିଳନୀରେ ପ୍ରକାଶିତ ହୋଇଥିଲା। ପ୍ରକାଶଯୋଗ୍ୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବୈଜ୍ଞାନିକ ଜ୍ଞାନର ଅଗ୍ରଗତି ଏବଂ ବିଭିନ୍ନ ବିଷୟ ମଧ୍ୟରେ ଅନୁଶୀଳନାତ୍ମକ ସହଯୋଗ ପ୍ରସାର କରି ସାମ୍ପ୍ରତିକ ଗବେଷଣା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।



ଭୁବନେଶ୍ୱର : ନାରାୟଣ ସେବା ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱର ରେଡ୍‌କ୍ରସ୍ ଭବନରେ ଆୟୋଜିତ ଏକ ସଭାରେ ପ୍ରଦୀପ କୁମାର ଦେହୁରୀଙ୍କୁ ସମାଜସେବୀ ଗୌରବ ସମ୍ମାନରେ ସମ୍ମାନିତ କରୁଛନ୍ତି ବୋଲଗଡ଼ ବେଗୁନିଆ ବିଧାୟକ ପ୍ରଦୀପ ସାହୁ। (ଫଟୋ : ସମ୍ବାଦ କଳିକା)

# ଏମ୍‌କେସିଜି ରକ୍ତଭଣ୍ଡାରର ସମସ୍ୟା ସମାଧାନ ପାଇଁ ସ୍ମାରକପତ୍ର ପ୍ରଦାନ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ କାର୍ଯ୍ୟାଳୟ ସ୍ନେହମ ଠାରେ ଇ.ଟି.ରାଓ, ସଭାପତି, ଓଡ଼ିଶା ରକ୍ତଦାତା ସଂଗଠନ, ବି. ଲକ୍ଷ୍ମୀନାରାୟଣ ସୁବୁଦ୍ଧି ଓ ଶିବ ରାମ ପାଣିଗ୍ରାହୀ ବ୍ରହ୍ମପୁର ସବୁଜ ବାହିନୀ ଆବାହକତ୍ୱରେ ଗଞ୍ଜାମ ଜିଲ୍ଲାର ୩୦ ରୁ ଅଧିକ ସ୍ୱେଚ୍ଛାକୃତ ରକ୍ତଦାତା ସଂଗଠନର ୫୦ ଜଣ କର୍ମକର୍ତ୍ତା ଯୋଗଦେଇ ଥିଲେ। ବ୍ରହ୍ମପୁର ସହରର ଏକମାତ୍ର ସରକାରୀ ରକ୍ତ କେନ୍ଦ୍ରର ଅବ୍ୟବସ୍ଥା ଓ ପରିଚାଳନାଗତ ତ୍ରୁଟି ବିଷୟରେ ଆଲୋଚନା କରାଯାଇଥିଲା। ବ୍ଲଡ୍ ବେଙ୍କରେ ଦିନର ୨୪ ଘଣ୍ଟା ଡାକ୍ତର ରହୁ ନଥିବାରୁ ରକ୍ତଦାତାମାନେ ବହୁ ଅସୁବିଧାରେ ପଡୁଛନ୍ତି। ଶିବିର କରିବା ପାଇଁ ଆବେଦନ ପତ୍ରରେ ଶିବିରର ଆୟୋଜକହିଁ ଯାହା ଅଘଟଣ ଘଟିଲେ ଅର୍ଥ ଓ ଆଇନଗତ ଭାବେ ଦାୟୀ କରାଯାଇଛି। ଏହା ଅନ୍ୟ ଜିଲ୍ଲାରେ ଏହି ନିୟମ ନାହିଁ। ଯାହାଫଳରେ କୌଣସି ସଂଗଠନ ଶିବିର କରିବା ପାଇଁ ଆଗେଇ ଆସୁନାହାନ୍ତି। ପୁର ପଲ୍ଲୀରୁ ଆସୁଥିବା ରୋଗୀଙ୍କ ପାଇଁ ରକ୍ତ ପାଇବା ଆବଶ୍ୟକୀୟ ଗ୍ରୁପ୍‌ର ରକ୍ତ ଦାତାଙ୍କୁ ଧରି ଆସିବାକୁ କହିବା ଫଳରେ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି ଏପରିକି କିଛି ମଧ୍ୟସ୍ଥିଙ୍କ ହାବୁଡ଼ରେ ପଡ଼ି ରକ୍ତପାଇଁ ଟଙ୍କା ଦେବାକୁ ପଡୁଥିବା ଜଣାଯାଇଛି। ଏହାର ଦୂରୀକରଣ ପାଇଁ ୧୦ ଜଣରେ ଗୋଟିଏ କୂପନ ବଦଳରେ ଅନ୍ତତଃ ଦୁଇଟି କୂପନ ଦେବାପାଇଁ ଦାବି କରାଯାଇଛି।

ରକ୍ତଦାନ ଶିବିରରେ ଡାକ୍ତରଙ୍କ ଅନୁପସ୍ଥିତି ରହିବା ଓ ସମସ୍ତ କାର୍ଯ୍ୟ ସହାୟକ ମାନେ ତୁଲାଉଛନ୍ତି ଯଦ୍ୱାରା ବୈଷୟିକ ତ୍ରୁଟି ଦେଖାଯାଉଛି। ରକ୍ତଦାତା ସଂଗଠନର ପରିଚାଳନା କମିଟିରେ ଅନ୍ତତଃ ୭୫% ସଭ୍ୟା/ସଭ୍ୟଙ୍କୁ ରକ୍ତଦାତା ସଂଗଠନରୁ ରଖିବା ଉଚିତ ବୋଲି ମତ ପ୍ରକାଶ ପାଇଛି। ରକ୍ତଦାନ କରିବାକୁ ଯାଇଥିବା ସ୍ୱେଚ୍ଛାସେବୀଙ୍କୁ ବହୁସମୟ ଏପରିକି ୪ ଘଣ୍ଟା ଯାଏ ଅପେକ୍ଷକରିବାକୁ ପଡୁଛି ଓ କେନ୍ଦ୍ରର କର୍ମଚାରୀମାନେ ଅନୁକୂଳ ବ୍ୟବହାର ପ୍ରଦର୍ଶନ କରୁନାହାନ୍ତି। ତେଣୁ ରକ୍ତଦାତା ପୁନଃ ରକ୍ତଦାନ କରିବାକୁ ଆସୁନାହିଁ। ରକ୍ତ କେନ୍ଦ୍ରରେ ରକ୍ତ ବିକ୍ରି ହେଉଥିବା ଖବରକାଗଜରେ ପ୍ରକାଶ ପାଉଛି। ଏହିପରି ଭାବେ ୯ଟି ସମସ୍ୟା ସମ୍ବଳିତ ଦାବିପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇବା ପାଇଁ ଓ ଏହାର ନକଲ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଗଞ୍ଜାମ ଜିଲ୍ଲାପାଳ, ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକ ନିକଟକୁ ପଠାଇବାପାଇଁ ସ୍ଥିର କରାଗଲା।

ଏହି କାର୍ଯ୍ୟ କ୍ରମରେ ଏଭିବିଡି ଓଡ଼ିଶାର ସଭାପତି, ବସନ୍ତ କୁମାର ସାହୁ, ଡାକ୍ତର ସୁବାଷ ଚନ୍ଦ୍ର ସାହୁ, ସମ୍ପାଦକ ଶିବ ପ୍ରସାଦ ସାହୁ, ଇ.ଡି. ପାତ୍ର, ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ସଭାପତି ଏମ୍. ବିଦ୍ୟାସାଗର, ସମ୍ପାଦକ ସତ୍ୟକମ୍ ପାତ୍ର, ଗଞ୍ଜାମ ଚାମ୍ବର ଅଫ କମର୍ସରୁ ଜମ୍ମୁଲା ସୁରେଶ, ମନୋଜ କୁମାର ପାଢୀ, ଇ. ଜଗଦିଶ୍ୱର ରାଓ, ମାନବବାଦୀ ହେତୁବାଦୀ ସଙ୍ଗଠନର ସମ୍ପାଦକ କେ. ନନ୍ଦେଷୁ ସେନାପତି, ପ୍ରଗତିଶୀଳ ଉତ୍କଳ ସମାଜର ସରୋଜ ରଞ୍ଜନ ପଟ୍ଟନାୟକ, ମହାନ୍ ସଂଘର ସମ୍ପାଦକ ଇ. ପ୍ରଶାନ୍ତ କୁମାର ପାତ୍ର, ବଜରଙ୍ଗ ଦଳରୁ ରମାକାନ୍ତ ରଥ, ଟିମ୍ କ୍ଲିନ୍ ସିଟିର ଶକ୍ତିଧର ରାଜଗୁରୁ, ଗାୟତ୍ରୀ ପରିବାରରୁ ରବିନାରାୟଣ ସେନାପତି, ତ୍ରିରଙ୍ଗା ସେବା ସଂଘରୁ ଇ.ସରୋଜ ସୁବୁଦ୍ଧି, ପ୍ରଦୀପ କୁମାର ସାହୁ, ରଶ୍ମିତା ମହାନ୍ତି, ଅଶୋକ କୁମାର ନାୟକ, ଫୋରମ ଫର ଗଞ୍ଜାମରୁ ସୁଧୀର ରାଉତ, ମନୁ ସେନା ପକ୍ଷରୁ ମନୁ ଦ୍ୱାନ ସାମନ୍ତରାୟ, ପ୍ରଫେସର ଏମ୍. ଅଲତଫ ଖାଁ, ଏ.ଏସ୍.ଏନ୍. ଗୁପ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭାଗନେଇଥିଲେ।





# ଉତ୍କଳ ଆଲୁମିନା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ରାୟଗଡା, ନ୍ୟୁଜ ବ୍ୟୁରୋ**

ରାୟଗଡା ଜିଲ୍ଲା ଟିକିରି ଅର୍ନ୍ତଗତ ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା କାରଖାନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦତ୍ୟ ବିର୍ଲା ଗ୍ରୁପର ଏକ ସହଯୋଗୀ କମ୍ପାନୀ ପକ୍ଷରୁ ସସ୍ଥାନୀ ମାନବ ସମ୍ବଳ ବିଭାଗ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି । ମାନବସମ୍ବଳ କାର୍ଯ୍ୟାଳୟ ସଭାକକ୍ଷ ପରିସରରେ କର୍ମାଚାରୀଙ୍କ ଦ୍ୱାରା ଉତ୍ସାହ ସହକାରେ ପାଳନ ହେବା ସହ କାରାଖାନର ସମସ୍ତ ବିଭାଗରେ ଅନୁରୂପ ଭାବେ କେକ୍ କାଟି ଆନ୍ତର୍ଜାତୀୟ ମହିଳା ଦିବସକୁ ଧୁମଧାମରେ ପାଳନ କରାଯାଇଅଛି । ଏହି ଉପଲକ୍ଷେ କାରାଖାନର ନୂଆପଡା ସ୍ଥିତ ଟାଉନସିପ୍ କ୍ଲବ ହାଉସ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି । ଉକ୍ତ ସମାରୋହରେ କାରାଖାନରେ କାର୍ଯ୍ୟରତ ସମସ୍ତ ମହିଳା କର୍ମଚାରୀ ଏଠାରେ ଉପସ୍ଥିତ ଥିଲେ। ଏହି ଅବସରରେ କାରଖାନର ମୁଖ୍ୟ ରବି ମିଶ୍ର ଓ ମାନବ ସମ୍ବଳ ବିଭାଗ ପ୍ରମୁଖ ବିଜୟ କୁମୁରା ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ଉଦବୋଧନ ଦେଇଥିଲେ । ମାଁ କହିଲେ ବସୁଧା ତଥା ଧରିତ୍ରୀକୁ ବୁଝାଏ । ବସୁଧା ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ ଆମ ସହିତ ରହିଥାଏ, ଜୀବ ଜଗତ ସମାଜକୁ କୋଳରେ ଧାରଣ କରିଥାଏ । ସମାଜର ମୁଖ୍ୟ ପୁରୋଧା ନାରୀ । ଜନ୍ମ ଠାରୁ ମୃତ୍ୟୁ ଯାଏଁ ସେମାନେ ଧର୍ଯ୍ୟ, ସାହାସ ଓ ଶକ୍ତିର ବ୍ରତି । ମାନବ ସମାଜରେ ମହିଳାଙ୍କ ଭୂମିକା ଅତୁଳନୀୟ ଓ ଅପରିକଳ୍ପନୀୟ । ପୁରୁଷ ଜୀବନରେ ନାରୀର ରୂପ ବିଭିନ୍ନ ପ୍ରକାର ହୋଇଥାଏ । ଜନ୍ମଠୁ ମାଁ ରୂପୀ ଦେବୀ, ପରବର୍ତ୍ତି ପର୍ଯ୍ୟାୟରେ ଜଣେ ମହିଳା ଜୀବନ ସାଥୀ ହୋଇ ଜୀବନର ପ୍ରତ୍ୟେକ ଚଲାପଥରେ ସଥୀ ହୋଇ ରହିଥାଏ । ତେଣୁ ନାରୀ ସମାଜର ପଥ ପ୍ରଦର୍ଶକ, ମହିଳାଙ୍କ ବିନା ସୃଷ୍ଟିର ଅପରିକଳ୍ପନୀୟ ବୋଲି ସଭାରେ ଉଦବୋଧନ ଦେଇ କାରାଖାନ ମୁଖ୍ୟ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ଅନୁରୂପ ମାନବ ସମ୍ବଳ ବିଭାଗ ପ୍ରମୁଖ ବିଜୟ କୁମୁରା ମଧ୍ୟ ସଭାରେ ସମାଜରେ ନାରୀଙ୍କ ଭୂମିକା ସଂମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉକ୍ତ ସମାରୋହରେ ଅଂଶଗ୍ରହଣ କରିଥିବା ମହିଳା କର୍ମଚାରୀମାନେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ ଯୋଗଦାନ କରି ମନଭରି ଉପଭୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତ ମହିଳା ସଦସ୍ୟଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ମାନବ ସମ୍ବଳ ବିଭାଗ କର୍ମଚାରୀ ସୌମ୍ୟକ ଚାନ୍ଦ ପରିଚାଳନା କରିଥଇବା ବେଳେ ଆଶୁତୋଷ ମିଶ୍ରଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

## ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର୍ ପକ୍ଷରୁ ନବୀନ ଜିନ୍ଦଲଙ୍କ ଜନ୍ମଦିନ ଫିଟନେସ୍ ଦିବସ ଭାବେ ପାଳିତ

# ସ୍ଥାନୀୟ ସଂପ୍ରଦାୟ ପାଇଁ କଲ୍ୟାଣକାରୀ ପଦକ୍ଷେପ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସପି)ର କର୍ମଚାରୀମାନେ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଏକତ୍ରିତ ହୋଇ ଜେଏସପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଜନ୍ମଦିନ ବେଶ ଧୂମଧାମରେ ପାଳନ କରିଛନ୍ତି। ଏହି ଜନ୍ମଦିନ ଉତ୍ସବରେ ସାମାଜିକ ତଥା ସୁସ୍ଥ ସ୍ୱାସ୍ଥ୍ୟଗଠନ ସମ୍ପର୍କିତ ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ଦେବଭୂମି ସ୍ଥିତ ଜିନ୍ଦଲ ମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜା ସହିତ ଉତ୍ସବ ଆରମ୍ଭ ହୋଇଥିଲା। ସକାଳେ, ଜେଏସପି ଅନୁଗୁଳ ପ୍ଲାଣ୍ଟର ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମାଲହାନ ଜିନ୍ଦଲ ନଗର ଟାଉନସିପ୍ ମଧ୍ୟରେ ଏକ ମିନି-ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସପିର କର୍ମଚାରୀ, ସେମାନଙ୍କ ପରିବାର, ସମ୍ପ୍ରଦାୟର ସଦସ୍ୟ ଏବଂ ସମସ୍ତ ବୟସ ବର୍ଗର ସଦସ୍ୟମାନେ ବେଶ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ମିନି-ମାରାଥନର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସାମୁଦାୟିକ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାର ଅଂଶ ସ୍ୱରୂପ, ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନୁଗୁଳ ପ୍ଲାଣ୍ଟ ସଂଲଗ୍ନ ଗୋଲାବନ୍ଧ ଗ୍ରାମରେ ନୂତନ ଭାବରେ ବିକଶିତ ଖେଳପଡ଼ିଆରେ ଏକ ପାଭିଲିୟନର ଉଦଘାଟନ କରାଯାଇଥିଲା। ଜିନ୍ଦଲ ସିଏସଆରର ସଭାପତି ଏବଂ ଗୋଷ୍ଠୀ ମୁଖ୍ୟ ଶ୍ରୀ ପ୍ରଶାନ୍ତ ହୋତା ଏହି ସୁବିଧାକୁ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ଏବଂ ଶ୍ରୀ ନବୀନ ଜିନ୍ଦଲଙ୍କ



ଲକ୍ଷ୍ୟ ଯେଉଁଭଳି ସମସ୍ତ ବୟସର ଲୋକଙ୍କ ପାଇଁ ଜୈବିକ ଖାଦ୍ୟ, କ୍ରୀଡା ଏବଂ ଫିଟନେସ ଉପଲବ୍ଧ ହୋଇ ପାରିବ ତା ଉପରେ ଆଲୋକପାତ କରିଥିଲେ। ବେଣାଗାଡିଆ ଏବଂ ଗୋଲାବନ୍ଧ ଗାଁର ଯୁବକମାନେ ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଖେଳିଥିଲେ। ଏହା ସହିତ, ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର, ସେଫ୍ଟି ପାର୍କ, ଭଲିବଲ୍ ଷ୍ଟାଡିୟମ୍ ଏବଂ ଏକ ନୂତନ କ୍ୟାଣ୍ଟିନ୍ ସମେତ ଅନେକ ପ୍ରମୁଖ ଭିତ୍ତିଭୂମି ବିକାଶର ଉଦଘାଟନ କରାଯାଇଥିଲା। ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀଯୁକ୍ତ ଦାମୋଦର ମିତ୍ତଲଙ୍କ ସମେତ ଶ୍ରୀଯୁକ୍ତ ଦିନେଶ ତ୍ରିପାଠୀ, ଶ୍ରୀଯୁକ୍ତ ଦିଲୀପ ସିହ୍ନା, ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ଶ୍ରୀଯୁକ୍ତ ବିଜୟ ସିଂ, ବ୍ରିଗେଡିୟର ଦୀନେଶ ଶର୍ମା। ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶ୍ରୀଯୁକ୍ତ ପଙ୍କଜ ମାଲହାନ ଏହି ସବୁ ସୁବିଧାଗୁଡ଼ିକୁ ଉଦଘାଟନ କରିଥିଲେ। ଏହି ଅବସରରେ ପଙ୍କଜ ମାଲହାନ ଅଭିଭାଷଣ ରଖି କହିଥିଲେ ଯେ, ଶ୍ରୀ ନବୀନ ଜିନ୍ଦଲ ଜଣେ ଦୂରଦୃଷ୍ଟିସମ୍ପନ୍ନ ମହାନ ବ୍ୟକ୍ତି, ଜଣେ ଦେଶପ୍ରେମୀ, ଜଣେ ଉତ୍ସାହୀ କ୍ରୀଡାବିତ୍ ଏବଂ ପରିବାର ପ୍ରତି ଜଣେ ସମର୍ପିତ ମଣିଷ। ସେ ଆହୁରି କହିଥିଲେ, 'ଶ୍ରୀ ଜିନ୍ଦଲ, ଜେଏସପି ସହିତ ଜଡିତ ସମସ୍ତଙ୍କୁ ତାଙ୍କ ପରିବାରର ଅଂଶ ଭାବରେ ଭାବନ୍ତି। ଜାତୀୟ ଅଭିବୃଦ୍ଧି ଏବଂ ସାମାଜିକ କଲ୍ୟାଣ ପ୍ରତି ତାଙ୍କର ଅଟଳ ପ୍ରତିବଦ୍ଧତା ପ୍ରକୃତରେ ପ୍ରେରଣାଦାୟୀ । ଏହି ବିଶେଷ ଦିନରେ, ଆସନ୍ତୁ ଆମେ ତାଙ୍କ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ସମାଜ ଓ ରାଷ୍ଟ୍ର ପାଇଁ ଆମର ସର୍ବୋତ୍ତମ ଯୋଗଦାନ ଦେବାକୁ ପ୍ରତିଜ୍ଞା କରିବା।' ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ମଧ୍ୟ ଶ୍ରୀ ଜିନ୍ଦଲଙ୍କ ସହ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ, ଶ୍ରୀ ଜିନ୍ଦଲ ତାଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନରେ କିପରି ଶୃଙ୍ଖଳିତ ଏବଂ ସମର୍ପିତ। ଶ୍ରୀମତୀ ସୀମା ମାଲହାନ, ଶ୍ରୀମତୀ ଅନିତା ମିତ୍ତଲ ଏବଂ ଶ୍ରୀ ଦାମୋଦର ମିତ୍ତଲ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶ୍ରୀ ଜିନ୍ଦଲଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ତାଙ୍କ ନିରନ୍ତର ସଫଳତା ଏବଂ ସୁସ୍ଥତା ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମଧ୍ୟ ବିଭିନ୍ନ ସ୍ଥାନରେ ଜନ୍ମଦିନ ଉତ୍ସବ ପାଳନ କରାଯାଇଥିଲା । ଅନୁଗୁଳର ଭଲିବଲ୍ ହୋମ୍, ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଆୟୋଜନ କରିବା ସହିତ, ଶ୍ରୀ ନବୀନ ଜିନ୍ଦଲଙ୍କ ଜନ୍ମଦିନ ମଧ୍ୟ ପାଳନ କରିଥିଲା, ତାଙ୍କୁ ଜଣେ ବହୁମୁଖୀ ପ୍ରତିଭାଶାଳୀ, ଦେଶପ୍ରେମୀ ଶିଳ୍ପପତି ଏବଂ କ୍ରୀଡା ପ୍ରେମୀ ଭାବରେ ପ୍ରଶଂସା କରିଥିଲା। ନବୀନ ଜିନ୍ଦଲ ବର୍ତ୍ତମାନ କୁରୁକ୍ଷେତ୍ର ଲୋକସଭା ନିର୍ବାଚନମଣ୍ଡଳୀରୁ ତୃତୀୟ ଥର ନିର୍ବଚିତ ହୋଇଛନ୍ତି ଏବଂ ସେ ଭାରତୀୟ ଇସ୍ପାତ ସଂଘର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ତାଙ୍କୁ ଆମେରିକାର ଟେକ୍ସାସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରାଯାଇଛି। ଶ୍ରୀଯୁକ୍ତ ନବୀନ ଜିନ୍ଦଲ ଓପି ଜିନ୍ଦଲ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳପତି ମଧ୍ୟ ଅଛନ୍ତି, ଯାହା କ୍ୟୁଏସ୍ ରାଙ୍କିଂ ଅନୁଯାୟୀ ଭାରତର ନମ୍ବର ୧ ଘରୋଇ ବିଶ୍ୱବିଦ୍ୟାଳୟ ଭାବରେ ସ୍ଥାନ ପାଇଛି। ଚଳିତବର୍ଷ ଜେଏସପି 'ସେଲିବ୍ରେଟିଂ ଦି ଲିଗାସି' ନାମରେ ଉତ୍ସବ ପାଳନ କରୁଛି, ଯାହା ଶ୍ରୀଯୁକ୍ତ ନବୀନ ଜିନ୍ଦଲଙ୍କ ଜନ୍ମଦିନ ମାର୍ଚ୍ଚ ୯ରେ ଆରମ୍ଭ ହୋଇଛି ଏବଂ ଜିନ୍ଦଲ ଗ୍ରୁପର ଅଧ୍ୟକ୍ଷା ଶ୍ରୀମତୀ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନକୁ ସମ୍ମାନ ଜଣାଇ ୨୦ ମାର୍ଚ୍ଚରେ ଶେଷ ହେବ। ଏହି ଅବସରରେ କର୍ମଚାରୀ, ପରିବାର ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ନିୟୋଜିତ କରିବା ପାଇଁ ଅନେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି, ଯାହା ସାମାଜିକ ଦାୟିତ୍ୱ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ଜେଏସପିର ପ୍ରତିବଦ୍ଧତାକୁ ପ୍ରତିପାଦନ କରୁଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆନନ୍ଦପୁର ଉପଖଣ୍ଡ...

ବିଷୟରେ କହି ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ନିଜ ଉଦବୋଧନରେ ମୁଖ୍ୟମନ୍ତ୍ରୀ ୧୯୮୭ ମସିହାରେ + ୨ ବିଜ୍ଞାନ ପଢୁଥିବା ସମୟର ଅନେକ ଘଟଣାକୁ ମନେ ପକାଇବା ସହିତ ବରିଷ୍ଠ ବନ୍ଧୁ ମାନଙ୍କ ସାହାଯ୍ୟ ବିଷୟରେ କହିଥିଲେ। ଛାତ୍ର ଜୀବନ ସର୍ବଦା ସଂଘର୍ଷମୟ, ଏହି ସଂଘର୍ଷ ହିଁ ତୁମ ମାନଙ୍କୁ ଦିନେ ସଫଳ କରାଇବ। ନିଜ ପରିଶ୍ରମ ଉପରେ ଦୃଢ଼ ବିଶ୍ୱାସ ଏବଂ ନିଜ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆଶୀର୍ବାଦ ହିଁ ତୁମ ମାନଙ୍କୁ ତୁମ ମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଥିଲେ। ଆଜିର ଛାତ୍ରଛାତ୍ରୀ କାଲିର ଭବିଷ୍ୟତ । ବର୍ତ୍ତମାନ ଶିକ୍ଷା ଏକ ବଡ ସମସ୍ୟା ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଗୁଣାତ୍ମକ ଶିକ୍ଷା। ଯୁବବର୍ଗଙ୍କୁ ଉତ୍ତମ ଶିକ୍ଷା ପରିବେଶ ଜରିଆରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଦକ୍ଷତା ବିକାଶ କରି ସେମାନଙ୍କୁ ଭାରତର ବିକାଶଧାରାରେ ସାମିଲ କରିବା ଲକ୍ଷ୍ୟରେ ଆମେ ନୂତନ ଶିକ୍ଷାନୀତି ୨୦୨୦କୁ କାର୍ଯ୍ୟକାରୀ କରିଛୁ । ଯୁବପିଢ଼ିଙ୍କୁ ଏକ ସାମଗ୍ରିକ ଏବଂ ଉପାଦେୟ ଶିକ୍ଷା ବ୍ୟବସ୍ଥା ପ୍ରଦାନ କରି ଯୋଗ୍ୟ କରିବା ଲକ୍ଷ୍ୟ ହେଉଛି ଏହି ନୂତନ ଶିକ୍ଷା ନୀତିର ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ କିନ୍ତୁ ଦୁଃଖର କଥା ରାଜନୈତିକ କାରଣରୁ ଏହାକୁ ଓଡ଼ିଶାରେ କାର୍ଯ୍ୟକରି କରାଯାଇ ନ ଥିଲା। କିନ୍ତୁ ଆମ ସରକାର ଆସିବା ମାତ୍ରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟରେ ଏନ୍ଇପି-୨୦୨୦ କାର୍ଯ୍ୟକାରୀ କରାଯାଇଛି ଏବଂ ସ୍ଥାନୀୟ ପ୍ରସଙ୍ଗୀକରଣ ସହିତ ଜାତୀୟ ପାଠ୍ୟକ୍ରମ ଢାଞ୍ଚାକୁ ଓଡ଼ିଶା ପାଇଁ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଭାବରେ ମଧ୍ୟ ଗ୍ରହଣ କରାଯିବ। ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମହାବିଦ୍ୟାଳୟ ସ୍ତରରେ ପି.ଏମ୍. ଉଷା ଯୋଜନା ଲାଗୁ କରାଯାଉଛି ବୋଲି ପ୍ରକାଶ କରି ସେ କହିଲେ ଯେ ଏହି ଯୋଜନାରେ ଗୁଣାତ୍ମକ ଶିକ୍ଷାଦାନ, ଆଇ.ସି.ଟି. ଆଧାରିତ ଭିତ୍ତିଭୂମି ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ରହିଛି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଉଚ୍ଚ ଶିକ୍ଷାରେ ଆମ ସରକାର ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛନ୍ତି। ଆମ ସରକାର ଉଭୟ ଶିକ୍ଷା ଏବଂ ପରୀକ୍ଷାରେ ସଂସ୍କାର ଆଣିଛନ୍ତି। ଶିକ୍ଷାର ମାନ ବୃଦ୍ଧି କରିବା ସହିତ ବିଦ୍ୟାର୍ଥୀମାନେ କିପରି ଭାବେ ମେରିଟ ଅନୁଯାୟୀ ଚାକିରି ଏବଂ ଉଚ୍ଚ ଶିକ୍ଷା ପାଇବେ ସେଥିପାଇଁ ଆମେ କାର୍ଯ୍ୟ କରୁଛୁ। ଏଣିକି, ଚାକିରି କେବଳ ସେମାନେ ପାଇବେ, ଯେଉଁମାନେ ହକଦାର। ସରକାରୀ ଚାକିରି ସେମାନଙ୍କ ପାଇଁ ନୁହେଁ, ଯାହା ପକେଟରେ ପଇସା ଅଛି। ଆପଣମାନେ ସମସ୍ତେ ଅଧ୍ୟବସାୟ କରନ୍ତୁ, ପରିଶ୍ରମ କରନ୍ତୁ। ଆଗାମୀ ପାଞ୍ଚ ବର୍ଷରେ ଅତି କମରେ ୧.୫ ଲକ୍ଷ ସରକାରୀ ଚାକିରିର ଦ୍ୱାର ଆପଣଙ୍କ ପାଇଁ ଅପେକ୍ଷା କରି ରହିଛି, ଯାହା ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ପ୍ରକ୍ରିୟାରେ ହେବ ବୋଲି ସେ କହିଥିଲେ। ଆମ ରାଜ୍ୟର ଉନ୍ନତିରେ ଶିକ୍ଷା ଏକ ବହୁତ ବଡ ମାଧ୍ୟମ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ବଜେଟରେ କେବଳ ଶିକ୍ଷା ପାଇଁ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରାଯାଇଛି, ଯାହା ମୋଟ ବଜେଟର ୧୪.୨ ପ୍ରତିଶତ ଏବଂ ଜିଏସଡିପି ର ୩.୯ ପ୍ରତିଶତ ଯାହା ସାରା ଦେଶରେ ପ୍ରାୟ ସବୁଠାରୁ ଅଧିକ। କେବଳ ଉଚ୍ଚ ଶିକ୍ଷା ପାଇଁ ୩ ହଜାର ୬୫୫ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଏଥିରୁ ଆପଣମାନେ ସରକାରଙ୍କ ଶିକ୍ଷା ପ୍ରତି ପ୍ରତିବଦ୍ଧତା ଜାଣିପାରିବେ ବୋଲି ସେ ମତ ଦେଇଥିଲେ। ଆଗାମୀ ଦିନରେ ଓଡ଼ିଶାର ଶିକ୍ଷା, ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ଛାତ୍ରଙ୍କ ବିକାଶପାଇଁ ଆମ ସରକାର ସମସ୍ତ ପଦକ୍ଷେପ ନେବେ ଏବଂ ଓଡ଼ିଶାର ଶିକ୍ଷାର ବିକାଶଦ୍ୱାରା ଓଡ଼ିଆ ଛାତ୍ର ଓ ଶିକ୍ଷକ ଜାତୀୟ ଓ ଅନ୍ତର୍ଜାତୀୟ ମାନକ ଓ ସୂଚକାଙ୍କରେ ସମକକ୍ଷ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଛାତ୍ରଛାତ୍ରୀଙ୍କୁ କହିଥିଲେ ଯେ, କଲେଜ ଜୀବନରେ ଛାତ୍ର ରାଜନୀତି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏଣୁ ଆମ ସରକାର ପୁଣିଥରେ ଛାତ୍ର ସଂସଦ ନିର୍ବାଚନ ପ୍ରଥା ଆରମ୍ଭ କରିବାକୁ ଯାଉଛନ୍ତି। ଉଚ୍ଚ ଶିକ୍ଷାକୁ ସର୍ବଦା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସଶକ୍ତ କରି ଥାଏ। ଏଣୁ ଆମ ସରକାର ଗୋଦାବରୀଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବେ, ଯାହା ଶିକ୍ଷାର ମୂଳଦୁଆକୁ ମଜବୁତ କରିବ। ଆମ ସରକାର ଜନତାଙ୍କ ଭାବାବେଗର ସହିତ କାର୍ଯ୍ୟ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଅନେକ ଧନ୍ୟବାଦ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପ୍ରମୁଖ ଅତିଥି ଭାବେ ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ ମଧ୍ୟ କରିଥିଲେ।

## ୬ ଜିଲ୍ଲା ପାଇଁ ...

ଆଗାମୀ ପାଞ୍ଚ ଦିନ ମଧ୍ୟରେ ଏହି ଜିଲ୍ଲାଗୁଡ଼ିକର କିଛି ଅଞ୍ଚଳରେ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ସେଲସିୟସ କିମ୍ବା ତା'ଠାରୁ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ଅଛି। ଜିଲ୍ଲା କଲେକ୍ଟରମାନଙ୍କୁ ଜନସାଧାରଣଙ୍କ ନିକଟରେ ସତର୍କତା ପ୍ରସାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏସଆରସିଙ୍କ ପରାମର୍ଶରେ ଉଲ୍ଲେଖ କରାଯାଇଛି ଯେ, ଯଦିଓ ଗରମ ଅଧିକାଂଶ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ନାହିଁ ତେବେ ଏହା ଶିଶୁ, ବୃଦ୍ଧ ଏବଂ ଅସୁସ୍ଥ ବ୍ୟକ୍ତିଙ୍କ ସମେତ ଦୁର୍ବଳ ଗୋଷ୍ଠୀଙ୍କ ପାଇଁ ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରିପାରେ ବୋଲି ସତର୍କ ସୂଚନା ଦିଆଯାଇଛି। ସାଧାରଣ ଲୋକଙ୍କୁ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଅପରାହ୍ନ ପରେ ବାହାରକୁ ଯିବାକୁ କୁହାଯାଇଛି । ପରିସ୍ଥିତି ଉପରେ କଡ଼ା ନଜର ରଖିବା ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସଆରସି ସମସ୍ତ ଜିଲ୍ଲା କଲେକ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପରଲୋକରେ...

ତାରିଖରେ ଭୋଗରାଇ ବ୍ଲକ ବାଲିମ ପଞ୍ଚାୟତର କୁରୁଠିଆ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଅନନ୍ତ ଏମଏ ଏଲଏଲବି ପାସ କରିବା ପରେ ସରକାରୀ ଚାକିରୀ ପାଇଥିଲେ। ଚାକିରି ଜୀବନରେ ସେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଚାକିରିରୁ ଅବସର ନେବା ପରେ ସେ ଭୋଗରାଇ ବିକାଶ ପରିଷଦ ଗଠନ କରି ଭୋଗରାଇର ବିକାଶ ପାଇଁ ଅଣ୍ଟା ଭିଡ଼ି ଥିଲେ। ପରେ ସେ ଏନସିପିରୁ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। କିନ୍ତୁ ୨୦୦୪ ନିର୍ବାଚନରେ ସେ ବିଜେଡି ଟିକଟରୁ ଲଢି ଭୋଗରାଇର ବିଧାୟକ ଭାବେ ବିଜୟୀ ହୋଇଥିଲେ। ୨୦୦୪ ରୁ ୨୦୧୯ ଯାଏଁ କ୍ରମାଗତ ଭାବେ ସେ ୪/୪ ଟି ନିର୍ବାଚନରେ ଭୋଗରାଇରୁ ବିଧାୟକ ଭାବେ ବିଜୟୀ ହୋଇଥିଲେ । ଏହା ବ୍ୟତୀତ ଓଡ଼ିଶା ସରକାରଙ୍କ ଶିଳ୍ପମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ସରକାରୀ ଦଳର ମୁଖ୍ୟ ସଚେତକ, ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ପରି ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ମଧ୍ୟ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି। ଭୋଗରାଇର ସାମଗ୍ରିକ ବିକାଶରେ ତାଙ୍କର ଯୋଗଦାନ ଅତୁଳନୀୟ। ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବହୁ ରାଜ୍ୟମନ୍ତ୍ରୀ ଏବଂ ବିଜେଡ଼ିର ଅନେକ ତୁଙ୍ଗ ନେତା ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ତାଙ୍କ ମରଶରୀରକୁ ବିଧାନସଭା ପରିସର ଏବଂ ବିଜେଡ଼ି ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇ ସେଠାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ତାଙ୍କ ବିୟୋଗରେ ତାଙ୍କ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ପ୍ରାକ୍ତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା, ପ୍ରାକ୍ତନ ବିଧାୟିକା ଉମାରାଣୀ ପାତ୍ର, ପ୍ରାକ୍ତନ ବିଧାୟକ ସୁଶାନ୍ତ କୁମାର ଚନ୍ଦ, କଂଗ୍ରେସ ନେତା ସତ୍ୟଶିବ ଦାସ, ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ବରିଷ୍ଠ ନେତା ଯୋଗେନ୍ଦ୍ର ପାଳ, ହେମନ୍ତ ବେହେରା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଏବେ ଶିମଲା ଆକାଶରେ...

ସେହିପରି ମାର୍ଚ୍ଚ ୧୦ ତାରିଖ ରାତି ୮ଟା ୩ ମିନିଟରେ ଆଇଏସଏସ ଦକ୍ଷିଣ-ପଶ୍ଚିମରୁ ପଶ୍ଚିମ-ଦକ୍ଷିଣ-ପଶ୍ଚିମ ଦିଗକୁ ଯାଉଥିବାର ଦେଖାଯିବ। ତେବେ ମାର୍ଚ୍ଚ ୧୧ ତାରିଖ ରାତିରେ ଏହା ଦୁଇ ଥର ଦେଖାଯିବ । ପ୍ରଥମେ ୭ଟା୧୪ ମିନିଟରେ ଦକ୍ଷିଣ-ଦକ୍ଷିଣ-ପଶ୍ଚିମରୁ ପୂର୍ବ-ଉତ୍ତର-ପୂର୍ବଦିଗକୁ ଯାଉଥିବାର ୫ ମିନିଟ ପର୍ଯ୍ୟନ୍ତ ଦେଖାଯିବ ଓ ଦ୍ୱିତୀୟ ବାର ୮ଟା ୫୩ ମିନିଟରେ ପଶ୍ଚିମ-ଉତ୍ତର-ପଶ୍ଚିମରେ ଯାଉଥିବାର ୧ ମିନିଟରୁ କମ ସମୟ ପାଇଁ ଦେଖାଯିବ। ସେହିପରି ମାର୍ଚ୍ଚ ୧୨ ତାରିଖ ରାତି ୮ଟା ୩ ମିନିଟରେ ପଶ୍ଚିମରୁ ଉତ୍ତର ଦିଗକୁ ଯାଉଥିବାର ୪ ମିନିଟ ପର୍ଯ୍ୟନ୍ତ ଦେଖାଯିବ। ମାର୍ଚ୍ଚ ୧୩ ତାରିଖ ଦିନ ରାତି ୭ଟା ୧୫ ମିନିଟରେ ପଶ୍ଚିମ-ଦକ୍ଷିଣ-ପଶ୍ଚିମରୁ ଉତ୍ତର-ଉତ୍ତର-ପୂର୍ବ ଦିଗକୁ ଯାଉଥିବାର ୬ ମିନିଟ ପର୍ଯ୍ୟନ୍ତ ଦେଖାଯିବ। ଏହା ମାର୍ଚ୍ଚ ୧୫ ତାରିଖ ରାତି ୭ଟା୧୬ ମିନିଟରେ ଶେଷ ଥର ପଶ୍ଚିମ-ଉତ୍ତର-ପଶ୍ଚିମରୁ ପଶ୍ଚିମ ଦିଗକୁ ଯାଉଥିବାର ୭ ମିନିଟ ପର୍ଯ୍ୟନ୍ତ ଦେଖାଯିବ। ହିମାଞ୍ଚଳ ବିଶ୍ୱବିଦ୍ୟାଳୟ ଶିମଲାର ଭୌତିକ ବିଜ୍ଞାନ ବିଭାଗ ପ୍ରଫେସର ତଥା ବ୍ରିଟିଶ କାଉନସିଲ କମନୱେଲଥ ଫେଲୋ ଡା. ମହାବୀର ଓ ଭୌତିକ ବିଜ୍ଞାନୀ ଅଜୟ ଶର୍ମା ଶିମଲାରୁ ଅନ୍ତର୍ଜାତୀୟ ସ୍ପେସ ଷ୍ଟେସନକୁ ଦେଖାଯିବା ବାସ୍ତବିକ ରୋମାଞ୍ଚକର ବୋଲି କହିଛନ୍ତି।

## ୧୨ ବର୍ଷ ପରେ...

୩ରନ୍ କରି ରନ୍ ଆଉଟ ହୋଇଥିଲେ। ନାଥନ ସ୍ମିଥ ୮ରନ୍ କରିଥିଲେ । ଫଳରେ ନ୍ୟୁଜିଲାଣ୍ଡ ୨୫୧ ରନ୍ କରିବାରେ ସକ୍ଷମ ହୋଇଥିଲା।

ଭାରତର ମହମ୍ମଦ ଶାମି ଗୋଟିଏ ୱିକେଟ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ୨ଟି, କୁଲଦୀପ ଯାଦବ ୨ଟି ୱିକେଟ ନେଇଥିଲେ। ସେହିପରି ରବୀନ୍ଦ୍ର ଜାଡ଼େଜା ଗୋଟିଏ ୱିକେଟ ନେବାରେ ସକ୍ଷମ ହୋଇଥିଲେ।

# ଇଣ୍ଟା ପକ୍ଷରୁ 'କନ୍ୟା ଏକ୍ସପ୍ରେସ' ଲୋକାର୍ପିତ



**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଇଣ୍ଟା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ତରଫରୁ କିଶୋରୀ ବାଳିକାମାନଙ୍କ ରକ୍ତହୀନତା ଦୂରିକରଣ ଓ ସ୍ୱାସ୍ଥ୍ୟ ସଚେତନତା ଲକ୍ଷରେ କନ୍ୟା ଏକ୍ସପ୍ରେସ୍ ନାମରେ ଏକ ଜନସ୍ୱାସ୍ଥ୍ୟ ଭ୍ରାମ୍ୟମାଣ ଯାନକୁ ଲୋକାର୍ପିତ କରାଯାଇଛି ।ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ଅତିଥି ଭାବେ ଯୋଗଦେଇ କନ୍ୟା ଏକ୍ସପ୍ରେସ ଯାନକୁ ଲୋକାର୍ପିତ କରିଥିଲେ । ଇଣ୍ଟାର ଉପସଭାପତି ବିନୟ କୁମାର ଅଗ୍ରୱାଲା, ବିଆଇପିଏଫର ଉପ ସଭାପତି ଧର୍ମଶ ଗୋହେଲ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ୍ ବ୍ଲକ୍ ପ୍ରବନ୍ଧକ ଚିତ୍ତରଞ୍ଜନ ଦାସ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତି ପ୍ରକାଶ ସାହୁ ପ୍ରମୁଖ ଏଥିରେ ଅତିଥି ଭାବେଯୋଗ ଦେଇଥିଲେ । ଭ୍ରମଣକାରୀ କନ୍ୟା ଏକ୍ସପ୍ରେସ୍ ଯାନ ଉଭୟ ସହରାଞ୍ଚଳ ଓ ଦୂରଦୂରାନ୍ତର ଗ୍ରାମାଞ୍ଚଳକୁ ଯାଇ କିଶୋରୀ ବାଳିକା ମାନଙ୍କ ରକ୍ତର ହିମୋଗ୍ଲୋବିନ୍ ପରୀକ୍ଷା, ଫୋଲିକ ଏସିଡ଼ ସପ୍ଲିମେଣ୍ଟ ବଣ୍ଟନ, ପୌଷ୍ଟିକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟ କରିବବୋଲି ବିଆଇପିଏଫ କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି । ଇଣ୍ଟାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ସୁଜିତ୍ ମିଶ୍ର, ଲଲାଟ ମହାପାତ୍ର, ସଂଜୀବ ଗୁପ୍ତା, ବବିତ ନନ୍ଦ, ନିରଞ୍ଜନ ସାହୁ, ମାନସ ପ୍ରଧାନ, ସରୋଜ ସାହୁ, ଅଭିଷେକ ଘୋଷ, ଅଶାନ୍ତ ବେହେରା, ରଞ୍ଜିତ ବେହେରା, ବିଷ୍ଣୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ନିଲେନ୍ଦୁ ଚାଟାର୍ଜୀ ଓ ସ୍ଥିତପ୍ରଜ୍ଞ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଓଏସଇଏଫଡ଼ିର ରାଜ୍ୟ ସ୍ତରୀୟ ସାଂଗଠନିକ ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ସ୍କିଲ ସ୍କାର୍କ ଠାରେ ଓଏସଇଏଫଡ଼ିର ରାଜ୍ୟ ସ୍ତରୀୟ ସାଂଗଠନିକ ବୈଠକ ସଭାପତି ସୂର୍ଯ୍ୟକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତରେ ଆଲୋଚନା, ସଂଘର ସାଂଗଠନିକ ସ୍ଥିତି, ନୂତନ ପଦାଧିକାରୀ ଓ କୋର୍ କମିଟି ସଦସ୍ୟ ଚୟନ କରାଯାଇଥିଲା। ସମ୍ପାଦକ ଥିବା ଜୀବନ କୁମାର ବେହେରାଙ୍କୁ ଉପଦେଷ୍ଟା, ଯୁଗ୍ମ ସମ୍ପାଦକ ଥିବା ଆୟୁଷ୍ମାନ ଚୌଧୁରୀଙ୍କୁ ସମ୍ପାଦକ, ବିଶ୍ୱବିଜୟୀ ଦାଶଙ୍କୁ ଉପସଭାପତି, ଅଭିଷେକ ଆଚାର୍ଯ୍ୟଙ୍କୁ କୋଷାଧ୍ୟକ୍ଷ, ଆର୍ଷି ଉପାସନା କରଙ୍କୁ ଯୁଗ୍ମ ସମ୍ପାଦକ, ପ୍ରିୟବ୍ରତ ରାଉତଙ୍କୁ ସହ-କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ସଶକ୍ତିକରଣ ଓ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସମସ୍ତ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଗଲେ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ମାନେ ଉପକୃତ ହେବା ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇପାରନ୍ତେ ବୋଲି ସଂଘର ସଭାପତି ସୂର୍ଯ୍ୟକାନ୍ତ ବେହେରା ମତପ୍ରକାଶ କରିଥିଲେ।

# ମଠ ଓ ମନ୍ଦିର ହିନ୍ଦୁଙ୍କ ସୂଚନା କେନ୍ଦ୍ର ହେଉ : ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ହିନ୍ଦୁମାନଙ୍କ ମଧ୍ୟରେ ଧାର୍ମିକ ସଚେତନତାର ଅଭାବ, ଜାତିବାଦ ସହିତ ସାମାଜିକ ଚଳଣିର ଭିନ୍ନତା ଯୋଗୁ ପରସ୍ପର ମଧ୍ୟରେ ସୁସମ୍ପର୍କ ରହୁ ନାହିଁ । ନିଜ ପାରିବାରିକ ସମସ୍ୟା ସହିତ ବ୍ୟସ୍ତ ରହି ରାଷ୍ଟ୍ର ଓ ଧର୍ମକୁ ରକ୍ଷା କରିବା କଥା ସମ୍ପୂର୍ଣ ପାସୋରି ଦେଇଛି। ଯାହା ପାଇଁ ସନାତନ ଧର୍ମ ଆଜି ସଙ୍କଟ ମଧ୍ୟ ଦେଇ ଗତି କରୁଛି। ଅନ୍ୟ ଧର୍ମ ଗୁଡିକରେ ସେମାନଙ୍କ ଧର୍ମସ୍ଥଳୀକୁ ଆସିବା ବାଧ୍ୟତାମୂଳକ ଥିବା ବେଳେ ସନାତନ ଧର୍ମରେ ମନ୍ଦିରକୁ ଆସି ଦିଅଁ ଦର୍ଶନ କରିବା ଭଳି ନିୟମ ନାହିଁ । ଯାହା ପାଇଁ ଭାରତରେ ୧୨୦ କୋଟି ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ସୁସମ୍ପର୍କ ଓ ଧାର୍ମିକ ଚେତନାର ଅଭାବ ପରିଲକ୍ଷିତ ହେଉଛି। ଆଜିର ସଂସାରରେ ହିନ୍ଦୁ ଦେବାଦେବୀଙ୍କ ମନ୍ଦିର ସର୍ବତ୍ର ରହିଛି। ମାତ୍ର କେବଳ ପୂଜକ ଓ ହାତ ଗଣତି ଭକ୍ତଙ୍କ ବ୍ୟତୀତ ଅନ୍ୟମାନେ ମନ୍ଦିରକୁ ଆସିବା କ୍ୱଚିତ ଦେଖାଯାଇଥାଏ । ହିନ୍ଦୁ ମନ୍ଦିର, ହିନ୍ଦୁ ଦେବାଦେବୀଙ୍କୁ ଅନ୍ୟ ଧାର୍ମିକ ସମ୍ପ୍ରଦାୟ ତରଫରୁ ବାରମ୍ବାର ଅପମାନିତ କରାଯାଉଛି । ହିନ୍ଦୁ ମନ୍ଦିରକୁ ଜବରଦଖଲ କରି ନିଆଯାଉଛି ।କିନ୍ତୁ ହିନ୍ଦୁ ସମାଜ ପ୍ରତିବାଦ କରିବାରେ ସଫଳ ହେଉ ନାହିଁ । ଅନ୍ୟ ଧର୍ମ ସମ୍ପର୍କରେ ଯଦି କେହି ଜଣେ କିଛି ଟିପ୍ପଣୀ ଦେଲା ତେବେ ସଙ୍ଗେ ସଙ୍ଗେ ତାର ପ୍ରତିକ୍ରୀୟା ପ୍ରକାଶ ହେଉଛି । ହିଂସାତ୍ମକ ଆନ୍ଦୋଳନ ହେଉଛି । ତାର ଏକମାତ୍ର କାରଣ ହେଉଛି ସେହି ଧାର୍ମିକ ସମ୍ପ୍ରଦାୟମାନଙ୍କ ମଧ୍ୟରେ ସଂଘବଦ୍ଧତା ଅଛି । ସେମାନେ ସେମାନଙ୍କ ଧାର୍ମିକ ଅନୁଷ୍ଠାନରେ ସପ୍ତାହରେ ଥରେ ଏକତ୍ରିତ ହୁଅନ୍ତି । ପରସ୍ପର ମଧ୍ୟରେ ସୁଚନା ଆଦାନପ୍ରଦାନ କରନ୍ତି । ନିଜ ଧର୍ମ ଓ ସମ୍ପ୍ରଦାୟର ସୁରକ୍ଷା ପାଇଁ ଚିନ୍ତା କରନ୍ତି। ଯେହେତୁ ସେମାନେ ସଂଖ୍ୟାଲଘୁ ତେଣୁ ସୁରକ୍ଷା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଯାହା ପାଇଁ ସେମାନଙ୍କ ପ୍ରତିକ୍ରିୟା ସଦା ସର୍ବଦା ହିଂସ୍ର ହୋଇଥାଏ । କିନ୍ତୁ ହିନ୍ଦୁମାନେ ମନ୍ଦିର ଯାଇ ପରସ୍ପର ମଧ୍ୟରେ ଆଲୋଚନା କରନ୍ତି ନାହିଁ । ଯଦି ବି କେହି ମନ୍ଦିରକୁ ଯାଆନ୍ତି ତେବେ ଭଗବାନଙ୍କୁ ନିକର ଦୁଃଖ ଜଣାଇ ଘରକୁ ଫେରି ଆସନ୍ତି । ଜଣେ ହିନ୍ଦୁ ମାଡ଼ ଖାଉଥିବା ବେଳେ ଅନ୍ୟଜଣେ ତାର ନୀରବ ଦ୍ରଷ୍ଟା ସାଜିଥାନ୍ତି । ରାଷ୍ଟ୍ରୀୟ ହିନ୍ଦୁଫ୍ରଣ୍ଟ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଏକ ସହଭାଗୀ ସଂସ୍ଥା ଅଟେ । ହିନ୍ଦୁମାନଙ୍କୁ ଏକତ୍ରିତ କରିବା ସହିତ ସେମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବାକୁ ଗଠନ ହୋଇଛି ।। ପ୍ରତ୍ୟେକ ହିନ୍ଦୁ ମନ୍ଦିରକୁ ଯିବା ଏବଂ ପରସ୍ପର ମଧ୍ୟରେ ଭାବ ଆଦନପ୍ରଦାନ କରିବା ପାଇଁ ସଚେତନ ସୃଷ୍ଟି କରିବା ଏହା ଚେଷ୍ଟା କରିବ । ସ୍ୱୟଂ ସେବକମାନେ ଏଥିପାଇଁ ଉତ୍ସର୍ଗୀକୃତ ଭାବେ କାମ କରିବେ । ସପ୍ତାହରେ ଥରେ ମନ୍ଦିର ଯାଇ ହନୁମାନ ଚାଳିଶା ପାଠ କରିବେ ଏବଂ ସର୍ବନିମ୍ନ ଏକ ଘଣ୍ଟା ପାଇଁ ଏକାଠି ହୋଇ ଧାର୍ମିକ ଆଲୋଚନା କରିବାକୁ ପରାମର୍ଶ ଦେବେ । ଯାହାଦ୍ୱାରା ହିନ୍ଦୁମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ହେବ ଏବଂ ନିଜକୁ ପ୍ରତିବାଦ କରିବାରେ ସକ୍ଷମ ହେବେ । ସାପ୍ତାହିକ ମନ୍ଦିର ଚାଲ ଅଭିଯାନ ଆରମ୍ଭ ହେବ ଏବଂ ପ୍ରତ୍ୟେକ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ମନ୍ଦିରରେ ଏକତ୍ରିତ ହେବେ। ସାପ୍ତାହିକ ମନ୍ଦିର ଚାଲ ଅଭିଯାନକୁ ସଫଳ କରିବା ପାଇଁ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ତରଫରୁ ସ୍ଥାନୀୟ ବୁଲନ ଭାଇ ସେବସଦନରେ ଏକ ପ୍ରଶିକ୍ଷଣ ଶିବିର ଗତ ୯ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ମନ୍ଦିରରେ ଜଣେ ଲେଖାଏଁ ସଂଯୋଜକ ନିଯୁକ୍ତି କରାଯାଇ ସେମାନଙ୍କୁ ପ୍ରଶିକ୍ଷିତ କରାଯିବାର ବ୍ୟବସ୍ଥା କରାଯିବ । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଜଣେ ଲେଖାଏଁ ସଂଯୋଜକ ନିଯୁକ୍ତି ହେବେ । ଜିଲ୍ଲାପରିଷଦ, ବ୍ଲକ ,ଜିଲ୍ଲା ଓ ରାଜ୍ୟସ୍ତରୀୟ ସଂଯୋଜକଙ୍କ ନାମ ଘୋଷଣା କରାଯାଇଥିଲା । ସବୁ ଜିଲ୍ଲାରେ ପ୍ରଶିକ୍ଷଣ ଶିବିର କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ରାଜ୍ୟ ସଭାପତି ବିପିନ ବିହାରୀ ଦାସଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ସଂଯୋଜକ ବଳଦେବ ବେଦବାକ, ସଂଗଠନ ସମ୍ପାଦକ ମିହିର ପାଣି, ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ଦାସ, ବିଦ୍ୟୁତ କୁମାର ବେହେରା, ରାଜ୍ୟ ଉପସଭାପତି ଗଣ ସର୍ବଶ୍ରୀ ନିଗମାନନ୍ଦ ପଟ୍ଟନାୟକ, ପ୍ରଭାତ କୁମାର ଜେନା ,ଜଗନ୍ନାଥ ଗଡ଼ନାୟକସିଁ, ଗୋବିନ୍ଦ ଅଗରୱାଲ ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର କେନ୍ଦ୍ରୀୟ କମିଟିର ସଦସ୍ୟ ସମୀର ପତ୍ର ,ଯୋଗେଶ୍ୱର ଦାସ, ଭାରତୀ ପଣ୍ଡା ,ପୁଷ୍ପାଞ୍ଜଳି ମହାପାତ୍ର, ରୋଜଲିନୀ ମହାନ୍ତି ପ୍ରମୁଖ ମାର୍ଗ ଦର୍ଶନ କରିଥିଲେ। ଏହି ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିରରେ ୩୦ ଟି ଜିଲ୍ଲାର ସଭାପତି, ସାଧାରଣ ସମ୍ପାଦକ, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟ/ସଦସ୍ୟା ଯୋଗ ଦେଇଥିଲେ।

# ଲଞ୍ଚ ହେଲା ଇଣ୍ଡିଆ ଏଆଇ କମ୍ପ୍ୟୁଟ୍ ପୋର୍ଟାଲ୍ ଏବଂ ଡାଟାସେଟ୍ ପ୍ଲାଟଫର୍ମ ଏଆଇ କୋଷ

**ନୂଆଦିଲ୍ଲୀ :**




ଲଞ୍ଚ ହେଲା ଇଣ୍ଡିଆ ଏଆଇ କମ୍ପ୍ୟୁଟ୍ ପୋର୍ଟାଲ୍ ଏବଂ ଡାଟାସେଟ୍ ପ୍ଲାଟଫର୍ମ ଏଆଇ କୋଷ। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀରେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ପ୍ଲାଟଫର୍ମଟି ଗବେଷକ, ଷ୍ଟାର୍ଟଅପ୍ ଏବଂ ସରକାରୀ ଏଜେନ୍ସିଗୁଡ଼ିକୁ ଏଆଇ ପ୍ରୟୋଗ ପାଇଁ ଉନ୍ନତ ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍ (ଜିପିୟୁ) ସମେତ ଉଚ୍ଚ-ଶକ୍ତିଶାଳୀ କମ୍ପ୍ୟୁଟିଂ ରିସୋର୍ସର ଆକ୍ସେସ ପ୍ରଦାନ କରିବାକୁ ଡିଜାଇନ୍ କରାଯାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କେନ୍ଦ୍ର ସରକାର ଦେଶରେ ୨୭ଟି ଏଆଇ ଡାଟା ଲେବୋରୋଟାରି ସ୍ଥାପନ କରିବେ। ଫଣ୍ଡାମେଣ୍ଟାଲ ଏଆଇ ମଡେଲ ଡେଭଲପ ପାଇଁ ଆବେଦନଗୁଡ଼ିକ ଗ୍ରହଣ କରାଯାଇଛି। ବର୍ତ୍ତମାନ ଏଗୁଡିକର ସମୀକ୍ଷା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଇଣ୍ଡିଆ ଏଆଇ ମିଶନ-୨୦୨୪ ଅଭିଯାନରେ ସରକାର ଏଆଇ କ୍ଷମତା ବୃଦ୍ଧି ପାଇଁ ପାଞ୍ଚ ବର୍ଷ ମଧ୍ୟରେ ୧୦,୩୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ସରକାର ଲଞ୍ଚ କରିଥିବା ଇଣ୍ଡିଆ ଏଆଇ କମ୍ପ୍ୟୁଟ୍ ପୋର୍ଟାଲ୍ ମାଧ୍ୟମରେ ଗବେଷକ, ଷ୍ଟାର୍ଟଅପ୍ ଏବଂ ସରକାରୀ ଏଜେନ୍ସିଗୁଡ଼ିକ ଗବେଷଣା ଓ ପରୀକ୍ଷଣ ପାଇଁ ସବସିଡିଯୁକ୍ତ ଜିପିୟୁ ଗୁଡ଼ିକୁ ଆକ୍ସେସ୍ କରିପାରିବେ। ସରକାର ଜିପିୟୁ ସବସିଡି ହାର ଘଣ୍ଟା ପ୍ରତି ପ୍ରାୟ ୬୭ ଟଙ୍କା ସ୍ଥିର କରିଛନ୍ତି। ଏଥିପାଇଁ ପ୍ରାୟ ୧୦,୦୦୦ ଜିପିୟୁକୁ ଲାଇଭ୍ କରାଯାଇଛି। ଏହା ସହିତ ଅଶ୍ୱିନୀ ବୈଷ୍ଣବ ଭାରତ ଏଆଇ ମିଶନ ଅଧୀନରେ ୨୭ଟି ସହରରେ ଏଆଇ ଡାଟା ଲ୍ୟାବ ତିଆରି କରିବାର ଘୋଷଣା କରିଛନ୍ତି। ଏହି ଲାବୋରୋଟି ଗୁଡ଼ିକ ଏଆଇରେ ଗବେଷଣା ଏବଂ ବିକାଶ ପାଇଁ ବ୍ୟବହୃତ ହେବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଭାରତ ଆଗାମୀ ୩-୪ ବର୍ଷ ମଧ୍ୟରେ ନିଜର ଜିପିୟୁ ବିକଶିତ କରିବ। ଆଗାମୀ ସମୟରେ ଭାରତ ଏଆଇ, ସେମିକଣ୍ଡକ୍ଟର ଏବଂ ଡିପଟେକ୍ ଭଳି କ୍ଷେତ୍ରରେ ଶ୍ରେଷ୍ଠ ୫ଟି ଟେକ୍ ଦେଶ ମଧ୍ୟରେ ସାମିଲ ହେବ। ମାର୍ଚ୍ଚ ୨୦୨୩ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କ୍ୟାବିନେଟ ଇଣ୍ଡିଆ ଏଆଇ ମିଶନ ପାଇଁ ୧୦,୩୭୧.୯୨ କୋଟି ଟଙ୍କାର ବଜେଟ ଅନୁମୋଦନ କରିଥିଲେ। ଏଥିରୁ ୪୫ ପ୍ରତିଶତ ଅର୍ଥ ପାଖାପାଖି ୧୮,୬୯୩ କୋଟି ଖର୍ଚ୍ଚ କରି ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍ ବା ଜିପିୟୁ ଲଗାଯିବ। ଏଥିରେ ବିଶ୍ୱର ସର୍ବବୃହତ କମ୍ପ୍ୟୁଟ୍ ଇନ୍ଫ୍ରାଷ୍ଟ୍ରକ୍ଚର ଡେଭଲପ ହେବ, ଯାହା ଚୀନ୍ ଏଆଇ ମଡେଲ୍ ଡିପ୍ ସିକ୍ ଅପେକ୍ଷା ୯ ଗୁଣ ବଡ଼ ହେବ। ଏହି ସମସ୍ତ ଜିପିୟୁ ମାଧ୍ୟମରେ ଗବେଷଣା କମ୍ପାନୀଗୁଡ଼ିକ କମ୍ପ୍ୟୁଟିଂ ରିସୋର୍ସେଜ୍ ଆକସେସ୍ କରିପାରିବେ। ଏହି ଜିପିୟୁ ପାଇଁ ସର୍ବନିମ୍ନ ବିଡ୍ ଦେଇଥିବା ୧୦ଟି କମ୍ପାନୀକୁ ଚୟନ କରାଯାଇଛି। ଯୋଟା ଡାଟା ସର୍ଭିସେସ୍, ଇ୨ଇ ନେଟୱାର୍କସ୍, ଟାଟା କମ୍ୟୁନିକେସନ୍ସ ଏବଂ ଏଡବ୍ଲୁଏସ୍ର ପରିଚାଳିତ ସେବାପ୍ରଦାନକାରୀଙ୍କ ମାଧ୍ୟମରେ ୧୫,୦୦୦ ଜିପିୟୁ ପୂର୍ବରୁ ଉପଲବ୍ଧ ଅଛି। ବାକି ୪ ହଜାର ଜିପିୟୁ କିଣାଯିବ। ଜିଓ ପ୍ଲାଟଫର୍ମସ ଡାଟାସେଣ୍ଟର ଭଳି କମ୍ପାନୀଗୁଡ଼ିକ ଏହାର ଅଧିଗ୍ରହଣ କରିବେ ବୋଲି ଆଶା କରାଯାଉଛି।

# ସମ୍ବାଦ କଳିକା

ଭୁବନେଶ୍ୱର
୧୦ ମାର୍ଚ୍ଚ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଶ୍ରୀମନ୍ଦିରରେ ୭ ଦିନ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ

**ପୁରୀ ୦୯/୦୩ ନ୍ୟୁଜ ବ୍ୟୁରୋ**



ରବିବାରଠୁ ୧୫ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ବନ୍ଦ ରହିଛି ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଆଗାମୀ ଦୋଳଯାତ୍ରା ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତିକାନ୍ତି ସମ୍ପାଦନ ଦୃଷ୍ଟିରୁ ଛତିଶା ନିଯୋଗର ପରାମର୍ଶ କ୍ରମେ ଫଗୁ ଦଶମୀ ଠାରୁ ହୋଲି ଉତ୍ସବ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି ବନ୍ଦ ରହିଛି । ୨୦୨୪ ଡିସେମ୍ବର ୧୭ରୁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ଆରମ୍ଭ କରିଥିଲା ଏଏସ୍ଆଇ । ହେଲେ ମହାପ୍ରଭୁଙ୍କ ବିଶେଷ ନୀତିକାନ୍ତି ସମ୍ପାଦନ ନିମନ୍ତେ ବାରମ୍ବାର କାମ ବନ୍ଦ ରହୁଛି । ତେଣୁ ନିର୍ଦ୍ଧାରିତ ୩ ମାସ ଭିତରେ ଏଏସ୍ଆଇ ଏହି କାମ ସାରିପାରିବ କି ନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଫଗୁ ଦଶମୀରେ ଶ୍ରୀଲିଙ୍ଗରାଜଙ୍କୁ ଲାଗି ହେଲା ଅବିର : ଭୀମେଶ୍ୱର ମନ୍ଦିରରେ ରାଧାକୃଷ୍ଣଙ୍କୁ ଫଗୁଲାଗି

**ଭୁବନେଶ୍ୱର, ୯/୩ ନ୍ୟୁଜ ବ୍ୟୁରୋ**

ପବିତ୍ର ଫଗୁ ଦଶମୀରେ ଏକାମ୍ରାଧିପତି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଫଗୁ ବା ଅବିର ଲାଗି କରାଯାଇଛି । ମହାସମାରୋହରେ ପାଳିତ ହୋଇଆସୁଥିବା ଏହି ନୀତିକାନ୍ତି ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିରରେ ସମସ୍ତ ପ୍ରସ୍ତୁତି ହୋଇଥିଲା । ଏହି ଅବସରରେ ମନ୍ଦିରରେ ଥିବା ସମସ୍ତ ଦେବାଦେବୀଙ୍କୁ ମଧ୍ୟ ଫଗୁ ଲାଗି କରାଯାଇଛି । ଫାଲଗୁନ ଶୁକ୍ଳ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ଦୋଳଯାତ୍ରା ଫଗୁ ଦଶମୀର ଏହି ନୀତିକାନ୍ତିରୁ ଆରମ୍ଭ ହୋଇଥାଏ । ସାଧାରଣତଃ ରାଧାକୃଷ୍ଣଙ୍କ ଉଦ୍ଦେଶ୍ୟରେ ପାଳିତ ହୋଇଆସୁଥିବା ଏହି ପର୍ବ ଓଡ଼ିଶାର ବଡ଼ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବଡ଼ଦେଉଳ ସମେତ ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ମଧ୍ୟ ପାଳିତ ହୋଇଆସୁଛି । ଏହି ପରମ୍ପରା ଯୁଗଯୁଗ ଧରି ରହିଆସିଛି । ସୋମବାରଠାରୁ ଶ୍ରୀଲିଙ୍ଗରାଜ ମହାପ୍ରଭୁ ମା'ପାର୍ବତୀ, ମା'ଦୁର୍ଗା ଓ ଶ୍ରୀବସୁଦେବଙ୍କ ଚଳନ୍ତି ପ୍ରତିମା ମନ୍ଦିରରୁ ବାହାରି ବିଭିନ୍ନ ସ୍ଥାନକୁ ଭୋଗ ଖାଇବା ଲାଗି ଯାତ୍ରା କରିବେ । ସବୁବେଳେ ଭକ୍ତ ମନ୍ଦିରକୁ ଆସି ଭୋଗଲାଗି କରୁଛି । କିନ୍ତୁ ଦୋଳଯାତ୍ରା



ଅବସରରେ ପ୍ରଭୁ ଶ୍ରୀ ଲିଙ୍ଗରାଜ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ଦୁଆରକୁ ଯିବେ । ପ୍ରଭୁ ମନ୍ଦିର ସିଂହାସନରୁ ଓହ୍ଲାଇ ଆସିବେ ଭକ୍ତ ଦୁଆରକୁ । ସମସ୍ତେ ନିଜ ନିଜ ଦୁଆରେ ଠାକୁରଙ୍କୁ ଭୋଗଲାଗି ସହ ଅବିର ଅର୍ପଣ କରିବେ । ବର୍ଷକୁ ଥରେ ମହାପ୍ରଭୁ ଲୋକଙ୍କ ଦୁଆରକୁ ଆସିବେ । ତେଣୁ ଏହି ତିଥିକୁ ନେଇ ଲୋକଙ୍କ ମନରେ ନାହିଁ ନଥିବା ଉତ୍ସାହ । ଏଥିପାଇଁ ଏକାମ୍ର କ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି । ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ପାଲିଙ୍କି ଓ ବିମାନରେ ନିଜ ନିଜ ଦୁଆରେ ଦର୍ଶନ କରିବାକୁ ଲୋକେ ବେଶ୍ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି । ଉଲ୍ଲେଖଯୋଗ୍ୟ କି ସୋମବାର ଏକାଦଶୀ ତିଥିରେ ପ୍ରଭୁ ଶ୍ରୀଲିଙ୍ଗରାଜ ତାଙ୍କ ଭଉଣୀ ଘରକୁ ଯିବେ । ବଢ଼େଇବାଙ୍କ ନିକଟ ବଡମଠରେ ଥିବା ମା' କାମାକ୍ଷା ଠାକୁରାଣୀ ହେଉଛନ୍ତି ଶ୍ରୀଲିଙ୍ଗରାଜଙ୍କ ଭଉଣୀ । ମଙ୍ଗଳବାର ଦ୍ୱାଦଶୀ ତିଥିରେ ଶ୍ରୀଲିଙ୍ଗରାଜଙ୍କ ପଟୁଆର ପହଞ୍ଚିବ ତିନିମୁଣ୍ଡିଆ ଛକ ନିକଟ କପାଳୀ ଠାକୁରାଣୀଙ୍କ ମନ୍ଦିରରେ । ବୁଧବାର ତ୍ରୟୋଦଶୀ ତିଥିରେ ପରକରଣ ସାହିସ୍ଥିତ ଜମ୍ବେଶ୍ୱର ମନ୍ଦିରକୁ ଯିବେ । ଏହାପରଠୁ ଆରମ୍ଭ ହେବ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ଦୁଆରେ ଭୋଗଖିଆ । ଗୁରୁବାର ବାଟକୁଅ ମୁହଁ ବଡୁସାହିରେ ଠାକୁର ଭୋଗ ଖାଇବେ । ଶୁକ୍ରବାର ଦୋଳ ପୂର୍ଣ୍ଣିମା ତିଥିରେ ରଥଖଳାଠାରେ ସର୍ବସାଧାରଣ ଭକ୍ତଙ୍କ ଭୋଗ ଖାଇବେ । ସେଠାରେ ମହାପ୍ରଭୁ ଦୋଳିରେ ଝୁଲୁଥିବା ବେଳେ ଭକ୍ତମାନେ ଫଗୁ ଲାଗି କରିବେ । ସେହିପରି ଭୀମଟାଙ୍ଗୀ ଭୀମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭୀମେଶ୍ୱର ମନ୍ଦିର ସମିତି ପକ୍ଷରୁ ଫଗୁ ଦଶମୀ ନୀତି ସମ୍ପନ୍ନ ହୋଇଛି । ଏହି ଅବସରରେ ରାଧାକୃଷ୍ଣ ଓ ଦୋଳଗୋବିନ୍ଦଙ୍କ ସହ ସମସ୍ତ ଦେବାଦେବୀଙ୍କୁ ଫଗୁ ଲାଗି କରାଯାଇଛି । ଦେବାଦେବୀଙ୍କୁ ସୁସଜ୍ଜିତ ପାଲିଙ୍କିରେ ନେଇ ଲୋକଙ୍କ ଘର ପାଖକୁ ଯାତ୍ରା କରାଯିବ ଏବଂ ଲୋକଙ୍କ ଦୁଆରେ ଭୋଗଖିଆ ନୀତି ସମ୍ପନ୍ନ ହେବ । ଏକାଦଶୀ ତିଥିରେ ଉପର ଫେଜ୍, ଦ୍ୱାଦଶୀ ଓ ତ୍ରୟୋଦଶୀ ତିଥିରେ ଠାକୁର ତଳ ଫେଜ୍‌କୁ ଯାତ୍ରା କରିବେ । ଦୋଳ ପୂର୍ଣ୍ଣିମା ତିଥିରେ ଭୀମେଶ୍ୱର ମନ୍ଦିର ନିକଟରେ ଭକ୍ତଙ୍କ ଭୋଗ ଓ ଫଗୁ ଲାଗି ବିଧି ରହିଛି । କପିଳନାଥ ପ୍ରଭୁଙ୍କ ଭୋଗଖିଆ ନୀତି ମଧ୍ୟ ମହାସମାରୋହରେ ପାଳିତ ହେବ । ଦୋଳପୂର୍ଣ୍ଣିମା ରାତିରେ କପିଳେଶ୍ୱର ମନ୍ଦିର ନିକଟ ମଣିକର୍ଣ୍ଣିକା ପୁଷ୍କରିଣୀ ପାଖରେ ରାତି ୧୧ଟାରୁ ଗ୍ରାମର ୮ଟି ସାହି ମଧ୍ୟରେ ଆତସବାଜି ପ୍ରତିଯୋଗିତା ହେବ । ୫୦ କିସମର ବାଣ ଆକାଶରେ ଝଲସିବ । ଏହି ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିବା ସାହିକୁ ପୁରସ୍କୃତ କରାଯିବ ।

## ସାବାଡ଼ ହେବେ ଟ୍ରାଫିକ୍ ଉଲ୍ଲଂଘନକାରୀ : ୩ ଥର ଜରିମାନା ନ ଭରିଲେ ବାତିଲ୍ ହେବ ଲାଇସେନ୍ସ : କମିଶନର

**ଭୁବନେଶ୍ୱର, ୯/୩ ନ୍ୟୁଜ ବ୍ୟୁରୋ**

ଅମାନିଆ ଚାଳକଙ୍କୁ ନିସ୍ତାର ମିଳିବନି । ଟ୍ରାଫିକ୍ ନିୟମକୁ ଭାଙ୍ଗୁଥିବା ବେପରୁଆ ଚାଳକଙ୍କ ଉପରେ ପଡ଼ିବ ଆଇନ୍ ଛାଟ । ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ନାଲିଆଖି ଦେଖାଇବା ସହ ସତର୍କବାଣୀ ଶୁଣାଇଛି କମିଶନରେଟ୍ ପୁଲିସ । ଟ୍ରାଫିକ୍‌କୁ ବ୍ୟବସ୍ଥିତ ଓ ସୁଧାର ଆଣିବା ଲାଗି କଠୋର ହୋଇଛି ଟ୍ରାଫିକ୍ ପୁଲିସ । ଟ୍ରାଫିକ୍ ନିୟମ ବାରମ୍ବାର ଭାଙ୍ଗିବା ପରେ ଜରିମାନା ପୈଠ କରୁନଥିବା ଅମାନିଆଙ୍କୁ ଟାର୍ଗେଟ୍ କରାଯାଇଛି । ଏଣିକି ୩ଥର ଜରିମାନା ରାଶି ନ ଭରିଲେ ଗାଡ଼ି ଚାଳକଙ୍କ ଲାଇସେନ୍ସ ବାତିଲ୍ କରାଯିବ । ପ୍ରଥମ ପର୍ଯ୍ୟାୟରେ କିଛି ଅମାନିଆ ଚାଳକଙ୍କ ଲାଇସେନ୍ସ ରଦ୍ଦ ଲାଗି ପରିବହନ ବିଭାଗକୁ ଅବଗତ କରିଛି କମିଶନରଟ୍ ପୁଲିସ । ଅନୁରୂପ ଭାବେ ଅନେକ ଚାଳକ ଟ୍ରାଫିକ୍ ନିୟମ ଭାଙ୍ଗି ଧରାପଡୁଛନ୍ତି । ସିସିଟିଭି ଦ୍ୱାରା ଚାଳକଙ୍କୁ ଚିହ୍ନଟ କରାଯାଉଛି । ସେମାନଙ୍କ ନାମରେ ଇ-ଚାଲାଣ କଟାଯାଉଛି । କିନ୍ତୁ ଟଙ୍କା ଭରଣ କରୁନାହାନ୍ତି । ତେଣୁ ଚାଳକଙ୍କୁ ଧରିବାକୁ ଏଣିକି ବିଭିନ୍ନ ସ୍ଥାନରେ ଯାଞ୍ଚ ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯାଉଛି । ଅମାନିଆ ଚାଳକଙ୍କଠାରୁ 'ଅନ୍ ଦି ସ୍ପଟ୍' ଚାଲାଣ କାଟି ଟଙ୍କା ଆଦାୟ ଭଳି ବ୍ୟବସ୍ଥା କରାଯାଉଛି । ଫଳରେ ଇ-ଚାଲାଣ କାଟି





ଖସି ପଳାଉଥିବା ଚାଳକ ଫସିବା ସହ ଘଟଣାସ୍ଥଳରେ ହିଁ ଜରିମାନା ରାଶି ଭରିବେ । ଫଳରେ ଇ-ଚାଲାଣ ସଂଖ୍ୟା କମିବା ସହ ସାବାଡ଼ ହେବେ ଅମାନିଆ ଚାଳକ । ଇ-ଚାଲାଣ କଟୁଥିବାବେଳେ ଅନେକ ଚାଳକ ଟଙ୍କା ଭରୁନାହାନ୍ତି । ଜରିମାନା ରାଶି ଭରଣା କରୁନଥିବାରୁ ଚାଳକଙ୍କ ଉପରେ ପ୍ରଭାବ ପଡୁନି । ତେଣୁ ଅନ୍ ଦି ସ୍ପଟ୍ ଚାଲାଣ କଟିଲେ, ଚାଳକ ଜରିମାନା ରାଶି ଭରିଲେ ପ୍ରଭାବ ପଡ଼ିବା ସହ ଚାଳକଙ୍କ ମନରେ ଭୟ ଆସିବ ବୋଲି କମିଶନରେଟ୍ ପୁଲିସ ଆଶା ରଖିଛି । ସେହିପରି ଜଣେ ଲେଖାଏଁ ଚାଳକ ନାଁରେ ୨୦ରୁ ୨୫ ଥର ଟ୍ରାଫିକ୍ ଉଲ୍ଲଂଘନ ନିୟମ ଭାଙ୍ଗିଥିବାରୁ ଚାଲାଣ ପଠାଯାଇଛି । କିନ୍ତୁ ସେମାନେ ଟଙ୍କା ଭରଣା କରୁନାହାନ୍ତି । ପୂର୍ବରୁ ୫ଥର ଟ୍ରାଫିକ୍ ନିୟମ ଭାଙ୍ଗି ଟଙ୍କା ଭରୁ ନ ଥିବା ଚାଳକଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯାଉଥିଲା । ଜରିମାନା ରାଶି ଜମା ନ କଲେ ପୁଲିସ କୋର୍ଟକୁ ପ୍ରସିକ୍ୟୁସନ ରିପୋର୍ଟ ପଠାଯିବ । ଉକ୍ତ ରିପୋର୍ଟକୁ ଆଧାର କରି କୋର୍ଟରୁ ବେପରୁଆ ଚାଳକଙ୍କ ଠିକଣାରେ ସମନ୍ ପହଞ୍ଚିବ । ଏହାକୁ ଅମାନ୍ୟ କରି ଟଙ୍କା ନ ଦେଲେ ଅମାନିଆଙ୍କ ବିରୋଧରେ ଗିରଫ ପରୱାନା (ୱାରେଣ୍ଟ) ଜାରି ହୋଇଥିଲା । କିନ୍ତୁ ଅଧିକାରୀ ବଦଳିବା ପରେ ବଦଳି ଯାଇଥିଲା ଏହି ନିୟମ କାନୁନ୍ । ସୂଚନାଯୋଗ୍ୟ ଯେ, ୨୦୧୯ ଡିସେମ୍ବର ମାସରୁ ରାଜଧାନୀରେ ଇ-ଚାଲାଣ ବ୍ୟବସ୍ଥା ଲାଗୁ କରାଯାଇଛି । ଏହି ୫ବର୍ଷରେ ଭୁବନେଶ୍ୱରରେ ୭ ଲକ୍ଷରୁ ଅଧିକ ଇ-ଚାଲାଣ କଟାଯାଇଛି । ସେଥିରୁ ଦେଢ଼ଲକ୍ଷ ଇ-ଚାଲାଣ ଟଙ୍କା ଅମାନିଆ ଚାଳକ ଭରଣା କରିଛନ୍ତି । ଅବଶିଷ୍ଟ ଇ-ଚାଲାଣ ସେମିତ ଉଲ୍ଲଂଘନକାରୀଙ୍କ ଉପରେ ଦିନ ଗଡୁଛି । ବକେୟା ପଡ଼ିଥିବା ଇ-ଚାଲାଣ ଟଙ୍କା ପୈଠ କରିନଥିବା ଅମାନିଆଙ୍କ ଘରକୁ କୋର୍ଟ ଜରିଆରେ ସମନ୍ ପହଞ୍ଚିଯିବ । ଇ-ଚାଲାଣ କଟିବାର ମାସେ ଭିତରେ ଜରିମାନା ଟଙ୍କା ପୈଠ ନ କଲେ ନୂଆ କରି କଟକରେ ଖୋଲିଥିବା ଜେଏମ୍ଏଫ୍‌ସି (ପରିବହନ) ଭର୍ଚ୍ୟୁଆଲ କୋର୍ଟ ଜରିଆରେ ଘରେ ସମନ୍ ପହଞ୍ଚିଯିବ । ଜରିମାନା ପୈଠ କରିବା ଲାଗି ମାସେ ମହଲତ ଦିଆଯିବା ସହ ବାଧ୍ୟତାମୂଳକ କରାଯାଇଛି । ନଚେତ୍ ଗାଡ଼ି ମାଲିକଙ୍କ ବିରୋଧରେ ୱାରେଣ୍ଟ୍ ଜାରି କରାଯିବ । ସେହିପରି ଇ-ଚାଲାଣର ଏକ ତୃତୀୟାଂଶ ଉଲ୍ଲଂଘନକାରୀ ଟଙ୍କା ଭରୁନାହାନ୍ତି । ସ୍ମାର୍ଟ ସିଟି ପକ୍ଷରୁ କାର୍ଯ୍ୟ କରୁଥିବା ସମନ୍ୱିତ ନିୟନ୍ତ୍ରିତ କକ୍ଷ (ବିଏସ୍‌ସିଏଲ୍)କୁ ଆହୁରି ସୁଦୃଢ଼ କରାଯାଇଛି । ସିସିଟିଭିକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ଗୋଟିଏ ଅପରାଧୀ ଉପରେ ତୀକ୍ଷ୍ଣ ନଜର ଓ ଅନ୍ୟପଟେ ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ଯାଞ୍ଚ କରାଯାଉଛି । ଟ୍ରାଫିକ୍ ଉପରେ ନଜର ରଖିବା ଲାଗି ଜଣେ ଏସିପି ପାହ୍ୟାର ଅଧିକାରୀ ଓ ଅପରାଧୀଙ୍କ ଗତିବିଧି ଉପରେ ଜଣେ ଇନ୍ସପେକ୍ଟର ପାହ୍ୟାର ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଛି । ସହରର ୨୫୮ଟି ସ୍ଥାନରେ ୧୧୦୦ କ୍ୟାମେରା ଲାଗିଛି । ଏଗୁଡ଼ିକୁ ସେଠାରୁ ମନିଟରିଂ କରାଯାଉଛି । ସିସିଟିଭି ସଂଖ୍ୟା ବଢ଼ାଇବାକୁ ଯୋଜନା ହୋଇଛି । ସହରର ଅପରାଧପ୍ରବଣ ଅଞ୍ଚଳ ଓ ଉପକଣ୍ଠରେ ପ୍ରାୟ ୨୫୦ଟି ସ୍ଥାନରେ ୨ହଜାରରୁ ଅଧିକ ଏଆଇ କ୍ୟାମେରା ଲଗାଇବାକୁ ନକ୍ସା ପ୍ରସ୍ତୁତ ହୋଇଛି । ଅନୁରୂପ ଭାବେ ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ଚାଳକଙ୍କ ପାଇଁ ଏଏନ୍‌ପିଆର କ୍ୟାମେରା ଲଗାଯାଇଛି । ସହରର ୩୨ଟି ଛକରେ ୫୨୧ଟି ଟ୍ରାଫିକ୍ ଟିଭିଡିଏସ୍ କ୍ୟାମେରା ଲାଗିଛି । ଏହା ସମସ୍ତ ଅମାନିଆଙ୍କୁ ଚିହ୍ନଟ କରୁଛି ।





ଭୁବନେଶ୍ୱର : ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅନନ୍ତ ଦାସଙ୍କ ମରଶରୀର ପ୍ରତି ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢୀ ଏବଂ ଶଙ୍ଖ ଭବନରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ବହୁ କର୍ମୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । (ଫଟୋ :ସମ୍ବାଦ କଳିକା)

## ଗୋମାଂସ ବୋଝେଇ ପିକଅପ୍ ଭ୍ୟାନ୍ ଜବତ : ଡ୍ରାଇଭର ଫେରାର

**ଭୁବନେଶ୍ୱର,୦୯/୦୩ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା ଗୋମାଂସ । ଶିଂଳା ଥାନା ପୁଟୁରା ଛକ ନିକଟରୁ ଗୋ ମାଂସ ବୋଝେଇ ପିକଅପ୍ ଭ୍ୟାନ୍ ଜବତ କରିଛି ପୋଲିସ । ଘଟଣା ସ୍ଥଳରୁ ଫେରାର ହୋଇଯାଇଛି ଡ୍ରାଇଭର । ଉକ୍ତ ଗାଡିରେ ୫ ଟନ୍‌ରୁ ଅଧିକ ଗୋ ମାଂସ ଥିବା ଜଣାପଡ଼ିଛି । ବାଲେଶ୍ୱର ଜିଲ୍ଲା ଶିଂଳା ଥାନା ପୁଟୁରା ଛକ ନିକଟରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ଏକ ପିକଅପ୍ ଭ୍ୟାନ୍‌ରେ ୫ ଟନ୍‌ରୁ ଅଧିକ ଗୋ ମାଂସ ଚାଲାଣ ହେଉଥିଲା । ଏହି ଗୋମାଂସ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା । ଏନେଇ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ବାଟରେ ଛକି ବସିଥିଲା । ଗାଡ଼ିଟି ସେହି ବାଟ ଦେଇ ଯିବା ବେଳେ ତାକୁ ଗୋଡେଇ ଗୋଡେଇ ଧରିଥିଲା ପୋଲିସ । ହେଲେ ଏହାରି ଭିତରେ କୌଶଳକ୍ରମେ ଗାଡ଼ିର ଡ୍ରାଇଭର ଫେରାର ହୋଇଥିଲା । ଗୋମାଂସ ବୋଝେଇ ପିକଅପ୍ ଭ୍ୟାନ୍‌ଟିକୁ ପୋଲିସ ଜବତ କରି ଘଟଣାର ତଦନ୍ତ କରୁଛି ।

## ୧୮ ମାସରେ ୮୦୦ ଫୋନ୍ ଚୋରି : ଅନ୍ତରାଷ୍ଟ୍ରୀୟ ମୋବାଇଲ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ



**ନୂଆଦିଲ୍ଲୀ, ୯/୩**

ଦିଲ୍ଲୀପୁଲିସକୁ ମିଳିଛି ବଡ଼ ସଫଳତା । ୪୮ଟି ମୂଲ୍ୟବାନ ମୋବାଇଲ ଫୋନ୍ ନେଇ ଫେରାର ହେବାକୁ ଚେଷ୍ଟା କରୁଥିବା ଜଣେ ବ୍ୟକ୍ତିକୁ ଗିରଫ କରି ଏକ ଅନ୍ତରାଷ୍ଟ୍ରୀୟ ମୋବାଇଲ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ପୁଲିସ । ପୁଲିସ ଅଧିକାରୀମାନେ କହିଛନ୍ତି, ଏହି ଚୋରି କରାଯାଇଥିବା ମୋବାଇଲ ଫୋନ୍‌କୁ ବାଂଲାଦେଶରେ ବିକ୍ରି ହେବାକୁ ଯାଉଥିଲା । ପୁଲିସ୍ କହିଛି ଯେ, ଅଭିଯୁକ୍ତ ୨୪ ବର୍ଷୀୟ ଅବଦୁଶକୁ ପଶ୍ଚିମବଙ୍ଗରେ ପାଖାପାଖି ୨୦ ଲକ୍ଷ ଟଙ୍କାର ମୋବାଇଲ ଫୋନ୍ ନେଇ ଯିବାର ଚେଷ୍ଟା କରୁଥିବା ବେଳେ ତାକୁ ଗିରଫ କରାଯାଇଛି । ପୁଲିସ କମିଶନର (ଅପରାଧ) ଆଦିତ୍ୟ ଗୌତମ କହିଛନ୍ତି, ଯାଞ୍ଚରେ ସାମ୍ନାକୁ ଆସିଛି ଯେ, ସଙ୍ଗଠିତ ଗ୍ୟାଙ୍ଗ ଦିଲ୍ଲୀ-ଏନସିଆର (ରାଷ୍ଟ୍ରୀୟ ରାଜଧାନୀ ଅଞ୍ଚଳ) ରେ ସକ୍ରିୟ ଅଛି, ଯାହାକି ମେଟ୍ରୋ ଷ୍ଟେସନ, ବସ୍ ଓ ଭିଡ଼ ଥିବା ବଜାର ଗୁଡ଼ିକରେ ଲୋକଙ୍କୁ ଟାର୍ଗେଟ୍ କରିଥାଏ । ସେ ଆହୁରି କହିଛନ୍ତି, ଚୋରି କରାଯାଇ ଥିବା ମୋବାଇଲ ଫୋନକୁ ଖୁବ୍ ଶୀଘ୍ର ଦିଲ୍ଲୀରୁ ବାହାରକୁ ଚୋରି କରି ନିଆଯାଏ, ଯେଉଁଥି ପାଇଁ ପୁଲିସ ଏ ବିଷୟରେ ଜାଣି ପାରେନି । ଅଭିଯୁକ୍ତମାନେ ଏହି ମୋବାଇଲକୁ ଦୁଇରୁ ୩ହଜାର ଟଙ୍କାରେ କିଣି ଥିଲେ ଏବଂ ଏଗୁଡ଼ିକୁ ପଶ୍ଚମବଙ୍ଗ ନେଇ ଯାଉଥିଲେ, ଯେଉଁଠି ଏଗୁଡ଼ିକୁ ମଡିଫାଇ କରାଯାଏ ଏବଂ ଏହାପରେ ବାଂଲାଦେଶରେ ପ୍ରତି ଫୋନ୍ ୮୦୦୦ରୁ ୧୦,୦୦୦ଟଙ୍କା ଦରରେ ବିକ୍ରି କରାଯାଏ । ପୁଲିସ କମିଶନର ଆହୁରି କହିଛନ୍ତି, ସୂଚନା ଆଧାରରେ ପୁଲିସ ସଲିମଗଡ ବାଇପାସ୍ ନିକଟରେ ଜାଲ ବିଛାଇଥିଲା ଏବଂ ଅବଦୁଶକୁ ଚୋରି କରାଯାଇ ଥିବା ୪୮ ମୂଲ୍ୟବାନ ମୋବାଇଲ ସହ ଗିରଫ କରିଥିଲା । ଅବଦୁଶ ପଚରାଉଚରା ବେଳେ ଗତ ୧୮ ମାସରେ ୮୦୦ରୁ ଅଧିକ ଚୋରି ଫୋନର ତସ୍କରୀ କରିଥିବା କଥା ସ୍ୱୀକାର କରିଛି । ସେ କହିଛି କି, ଆରମ୍ଭରେ କବାଡିଆ କାମ କରୁଥିବା ଅବଦୁଶକୁ ସମୀର ଓ ସଲିମ୍ ନାମକ ଲୋକେ ଅବୈଧ ବେପାରରେ ଫସାଇ ଥିଲେ । ଅଧିକାରୀ କହିଛନ୍ତି କି ସାଇବର ସେଲ୍ ଏବେ ଏହାର ସାଥୀଙ୍କ ପରିଚୟ କରାଇବା ଏବଂ ଦିଲ୍ଲୀ, ପଶ୍ଚିମବଙ୍ଗ ଓ ବାଂଲାଦେଶରେ ବ୍ୟାପି ଥିବା ଏହାର ନେଟୱାର୍କକୁ ଶେଷ କରିବାର କାମରେ ଲାଗି ପଡ଼ିଛି । ତସ୍କରୀ ରାସ୍ତା ବିଷୟରେ ଜାଣିବାକୁ ଯାଞ୍ଚ କରାଯାଉଛି ।

### କର୍ଣ୍ଣାଟକରେ ଓଡ଼ିଆ ଯୁବକଙ୍କୁ ହତ୍ୟା ଘଟଣା

## ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଲା ବିଭାସଙ୍କ ମୃତଦେହ

**ଭୁବନେଶ୍ୱର,୦୯/୦୩ ନ୍ୟୁଜ ବ୍ୟୁରୋ**

କର୍ଣ୍ଣାଟକରେ ଓଡ଼ିଆ ଯୁବକଙ୍କୁ ହତ୍ୟା କରାଯାଇଛି । କର୍ଣ୍ଣାଟକରୁ କର୍ଗୋ ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଲା ଓଡ଼ିଆ ଯୁବକ ବିଭାସଙ୍କ ମୃତଦେହ । ମୃତଦେହ ନେବାକୁ ବିଭାସ ନାୟକଙ୍କ ପରିବାର ଲୋକେ ପହଞ୍ଚିଥିବା ବେଳେ ତାଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ଗାଁକୁ ନିଆଯାଇଥିବା ଜଣାପଡିଛି । କର୍ଣ୍ଣାଟକର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହାମ୍ପିଠାରେ ଜଣେ ଇସ୍ରାଏଲୀ ଯୁବତୀଙ୍କ ସମେତ ଦୁଇଜଣଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । ଏହି ଘଟଣାରେ ଜଣେ ଓଡ଼ିଆ ଯୁବକଙ୍କୁ ହତ୍ୟା କରାଯାଇଛି ।



ଘଟଣାରେ ସମ୍ପୃକ୍ତ ୩ ଜଣଙ୍କ ମଧ୍ୟରୁ ୨ ଜଣ ଗିରଫ ହୋଇଥିବା ବେଳେ ଅନ୍ୟ ଜଣକୁ ଖୋଜିବା ପାଇଁ କର୍ଣ୍ଣାଟକ ପୁଲିସ ତନାଘନା ଚଳାଇଛି । ତୁଙ୍ଗଭଦ୍ରା ନଦୀକୂଳରେ ଗତ ୬ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ଘଟିଥିବା ଏହି ଘଟଣା କର୍ଣ୍ଣାଟକରେ ଆଲୋଡ଼ନ ଖେଳାଇ ଦେଇଥିଲା । ପୁଲିସ ସୂଚନା ମୁତାବକ, ପୀଡ଼ିତା ଯୁବତୀଙ୍କ ସହ ୩ ଜଣ ପୁରୁଷ ପର୍ଯ୍ୟଟକ ଥିଲେ । ଏମାନଙ୍କ ମଧ୍ୟରେ ଆମେରିକାର ଡାନିଏଲ୍, ମହାରାଷ୍ଟ୍ରର ପଙ୍କଜ ଏବଂ ଓଡ଼ିଶା କନ୍ଧମାଳ ଜିଲ୍ଲାର ବିଭାସ ନାୟକ ଥିଲେ । ଦୁର୍ବୃତ୍ତମାନେ ଯୁବତୀଦ୍ୱୟଙ୍କୁ ଗଣବଳାତ୍କାର କରିବା ପୂର୍ବରୁ ୩ ପୁରୁଷ ପର୍ଯ୍ୟଟକଙ୍କୁ ଧକ୍କା ମାରି ହ୍ରଦ ମଧ୍ୟକୁ ଠେଲିଦେଇଥିଲେ । ଡାନିଏଲ୍ ଓ ପଙ୍କଜ ପହଁରି ବାହାରି ଯାଇଥିଲେ । କିନ୍ତୁ ବିଭାସ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ । କର୍ଣ୍ଣାଟକ ପୁଲିସ ଓଡ଼ିଶାର ବିଭାସଙ୍କୁ ଖୋଜିବା ଲାଗି ମାର୍ଚ୍ଚ ୭ରେ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା । ଅଗ୍ନିଶମ କର୍ମଚାରୀଙ୍କ ବ୍ୟତୀତ ପୁଲିସ ଓ ସନ୍ଧାନୀ କୁକୁର ଅଭିଯାନରେ ସାମିଲ ହୋଇଥିଲେ । ମାର୍ଚ୍ଚ ୮ ଅର୍ଥାତ ଶନିବାର ସକାଳେ ବିଭାସଙ୍କ ମୃତଦେହ ଘଟଣାସ୍ଥଳଠାରୁ ପ୍ରାୟ ୨ କିଲୋମିଟର ଦୂର ହ୍ରଦ ନିକଟବର୍ତ୍ତୀ ପାୱାର ହାଉସ୍ ପାଖରୁ ମିଳିଥିଲା । ଗଣଦୁଷ୍କର୍ମ ଶିକାର ହୋଇଥିବା ଦୁଇ ଯୁବତୀଙ୍କ ମଧ୍ୟରୁ ଜଣେ ଇସ୍ରାଏଲୀ ନାଗରିକ ଥିବା ବେଳେ ଅନ୍ୟ ଜଣକ ହୋମ୍‌ଷ୍ଟେ ମାଲିକାଣୀ । ପ୍ରକାଶ ଥାଉକି, ମୃତକ ବିଭାସ ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ତେରାବାଡ଼ି ଗ୍ରାମର ମୂଳ ବାସିନ୍ଦା । ପୁଅର ମୃତ୍ୟୁ ଖବର ପାଇ ବାପା ବିଜୟ ବେଙ୍ଗାଲୁରୁ ଠାରେ ପହଞ୍ଚି କର୍ଣ୍ଣାଟକ ଉପ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

**ଭୁବନେଶ୍ୱର,୯/୩ ନ୍ୟୁଜ ବ୍ୟୁରୋ**



ସୋମବାର ମାର୍ଚ୍ଚ ୧୦ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତର ଥିବା ହେତୁ ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ରାଜଧାନୀରେ ଦୁର୍ଦ୍ଧାନ୍ତ ଆନ୍ତରାଜ୍ୟ ଏଟିଏମ୍ ଲୁଟେରାକୁ ଏନକାଉଣ୍ଟର

**ଭୁବନେଶ୍ୱର, ୯/୩ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଦୁର୍ଦ୍ଧାନ୍ତ ଆନ୍ତରାଜ୍ୟ ଏଟିଏମ୍ ଲୁଟେରାକୁ ଏନକାଉଣ୍ଟର କରାଯାଇଛି । ରାଜଧାନୀ ଭୁବନେଶ୍ୱରର ବଡଗଡରେ ଦୁର୍ଦ୍ଧାନ୍ତ ଆନ୍ତରାଜ୍ୟ ଏଟିଏମ୍ ଲୁଟେରା ଦୀପକ କୁମାରକୁ ବିଳମ୍ବିତ ରାତିରେ ଏନକାଉଣ୍ଟର କରିଛି କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ । ଆହତ ଅବସ୍ଥାରେ ଦୀପକକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୀପକ କୁମାର ବିହାର ଅଞ୍ଚଳର ହୋଇଥିବା ବେଳେ ଓଡିଶା ଆସି ବିଭିନ୍ନ ଏଟିଏମ ଲୁଟ କରୁଥିଲା । ବରଗଡ଼ ଥାନା ଅଞ୍ଚଳରେ ଏଟିଏମ୍ ଲୁଟ୍ ଉଦ୍ୟମ କରୁଥିବା ବେଳେ ପୋଲିସ ସହ ହୋଇଥିଲା ମୁହାଁମୁହିଁ ।

## ବାଲିଘାଟରେ ଚଢଉ ବେଳେ ଭୟଭୀତ ହୋଇ ମହାନଦୀକୁ ଡେଇଁଲେ ୪ ଯୁବକ :ଜଣେ ନିଖୋଜ

**କଟକ, ୦୯/୦୩ ନ୍ୟୁଜ ବ୍ୟୁରୋ**

ମହାନଦୀକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଛନ୍ତି । ଜଗତପୁର ବାରଗଡିଆରେ ଏହି ଘଟଣା ଘଟିଛି । ବାଲିଘାଟରେ ଚଢଉ ବେଳେ ଭୟଭୀତ ହୋଇ ନଦୀକୁ ୪ଜଣ ଯୁବକ ଡେଇଁ ପଡ଼ିଥିବା ବେଳେ ଜଣେ ନିଖୋଜ ଅଛନ୍ତି । ୩ଜଣଙ୍କୁ ଉଦ୍ଧାର କରାଯାଇଛି । ନିଖୋଜ ଯୁବକ ଜଣକ ହେଉଛନ୍ତି ଜଗତପୁର ପୂର୍ବକଚ୍ଛର ୨୬ ବର୍ଷର ସେକ୍ ତଲିମ୍ । ସାଲେପୁରର ବରଗୋଡ଼ିଆ ବାଲିଘାଟରେ ଏପରି ଅଭାବନୀୟ ଘଟଣା ଘଟିଛି । ଘଟଣାସ୍ଥଳରେ ସର୍ଚ୍ଚ ଅପରେଶନ ଜାରି ରହିଛି । ଜଗତପୁର ଥାନା ବରଗୋଡ଼ିଆରେ ମହାନଦୀରୁ ବାଲି ଉଠାଉ ଥିବା ସମୟରେ ଏଭଳି ଘଟଣା ଘଟିଛି ।

### ଆମେରିକା ନିଜ ନାଗରିକଙ୍କ ପାଇଁ ଜାରି କଲା ଆଡଭାଇଜରୀ

## ବିପଦଠାରୁ କମ୍ ନୁହେଁ ଭାରତ-ପାକ୍ ସୀମା

**ନୂଆଦିଲ୍ଲୀ,୯ ।୩**

ଆମେରିକାରେ ନିଜ ନାଗରିକଙ୍କୁ ଭାରତ-ପାକ୍ ସୀମାରେ ନ ରହିବା ଓ ସେହି ଅଞ୍ଚଳକୁ ଯାତ୍ରା ନକରିବାର ଆଡଭାଇଜାରି ଜାରି କରାଯାଇଛି । ଆତଙ୍କବାଦ ଓ ସଶସ୍ତ୍ର ସଂଘର୍ଷର ଆଶଙ୍କାରେ ଭାରତ-ପାକିସ୍ତାନ ସୀମା ଓ ନିୟନ୍ତ୍ରଣ ରେଖା ଆଖପାଖ ତଥା ବେଲୁଚିସ୍ତାନ ଓ ଖୈବର ପଖତୁନଖବା ପ୍ରଦେଶ ଯାତ୍ରା ନକରିବାର ଚେତାବନୀ ଦେଇ ଏକ ପରାମର୍ଶ ଜାରି କରିଛି । ଆଡଭାଇଜରୀରେ କୁହାଯାଇଛି ଯେ, ଏହି ଅଞ୍ଚଳରେ ଆତଙ୍କୀ ଗତିବିଧି ଓ ସଶସ୍ତ୍ର ସଂଘର୍ଷ ହୋଇପାରେ । ଏହି କାରଣ ପାଇଁ ଲୋକଙ୍କୁ ପାକିସ୍ତାନ ଯାତ୍ରା ଉପରେ ପୁନଃବିଚାର କରିବା ଦରକାର । ଯାତ୍ରା ପରାମର୍ଶରେ ଆମେରିକାରୁ ଆତଙ୍କବାଦର କାରଣ ବେଲୁଚିସ୍ତାନ ଓ ଖୈବର ପଖତୁନଖବାର ଯାତ୍ରା ନକରିବାକୁ ମଧ୍ୟ କୁହାଯାଇଛି । ଆମେରିକା କହିଛି ଏହି ଅଞ୍ଚଳରେ ଆତଙ୍କବାଦୀ ସଂଗଠନ ଆକ୍ଟିଭ ଥିବାର ସୂଚନା ରହିଛି । ଏହାଛଡା ସୀମାରେ ଭାରତ ଓ ପାକିସ୍ତାନ ଦୁଇ ପଟୁ ବହୁ ସଂଖ୍ୟାରେ ସୈନିକ ମୁତୟନ ରହିଛନ୍ତି । ଉଲ୍ଲେଖନୀୟ ଯେ, ପାକିସ୍ତାନର ବେଲୁଚିସ୍ତାନ ଓ ଖୈବର ପଖତୁନଖବାରେ ଆତଙ୍କବାଦୀ ସଂଗଠନ ଲଗାତାର ବହୁ ଆକ୍ରମଣ କରିସାରିଛି । ମଧ୍ୟ ପାକିସ୍ତାନର ବେଲୁଚିସ୍ତାନରେ ହିଂସାର ଘଟଣା ସାମନାକୁ ଆସିଛି । କେଚ୍ ଜିଲ୍ଲାର ତୁରବତରେ କିଛି ଅଜଣା ସଶସ୍ତ୍ର ଲୋକ ବିଳମ୍ବିତ ରାତିରେ ବେଲୁଚିସ୍ତାନର ପ୍ରମୁଖ ମୌଲବୀ ମୁଫତି ଶାହ ମୀରଙ୍କୁ ଗୁଳି ମାରି ହତ୍ୟା କରିଛନ୍ତି । ପୋଲିସ ଏହି ସୂଚନା ଦେଇଛି । ସେ କହିଛନ୍ତି ସଶସ୍ତ୍ର ଲୋକ ଧାର୍ମିକ ବିଦ୍ୱାନଙ୍କୁ ସେହି ସମୟରେ ଟାର୍ଗେଟ କରିଥିଲେ



ଯେତେବେଳେ ସେ ରାତିରେ ନମାଜ ପାଠ କରି ବାହାରକୁ ଆସିଥିଲେ । ପୋଲିସର କହିବା ଅନୁସାରେ, ମୋଟର ସାଇକେଲ ନେଇ ଆସିଥିବା ସଶସ୍ତ୍ର ଲୋକ ମୁଫତି ଶାହ ମୀରଙ୍କ ଉପରେ ଗୁଳି ଚଳାଇଥିଲେ । ଯାହାଫଳରେ ସେ ଗୁରୁତର ଭାବରେ ଆହତ ହୋଇଥିଲେ । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା, ଯେଉଁଠି ତାଙ୍କର ମୃତ୍ୟୁ ହୋଇଯାଇଥିଲା । ରିପୋର୍ଟ ଅନୁସାରେ, ମୌଲବୀ ମୀର ଜେୟୁଆଇ-ଏଫ୍‌ର ଘନିଷ୍ଠ ଥିଲେ । ଏହା ପୂର୍ବରୁ ମଧ୍ୟ ଦୁଇଥର ତାଙ୍କ ଉପରେ ଆକ୍ରମଣ ହୋଇସାରିଛି ।


### ବଜାରରେ ଉପଲବ୍ଧ...

'କଥାକଳିକା'ର ଜନ୍ମ ବିଶେଷାଙ୍କ ମାର୍ଚ୍ଚ-୨୦୨୫ ସଂଖ୍ୟା





### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଚନ୍ଦ୍ରପ୍ରକାଶ ପାତ୍ର, ଭାଗିରଥୀ ବେହେରା, ସିଦ୍ଧେଶ୍ୱର ତ୍ରିପାଠୀ, ପ୍ରତାପ ବିଶ୍ୱାଳ, ରଞ୍ଜନ ପ୍ରଧାନ, ବିନୋଦ, ପ୍ରଭାତ ସିହ୍ନା, କମଳିନୀ ମଲ୍ଲିକ, ବିଜନବାଳା ପାଟଯୋଶୀ, ସତ୍ୟରଞ୍ଜନ ସାହୁ, ଲିପସା ପଟେଲ, ବିଦ୍ୟାଧର ଗୁରୁ, ମଧୁସୂଦନ ମିଶ୍ର, ଆଶାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ସାହୁ, ମନୋଜ କୁମାର ମହାନ୍ତି ।
**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ, ନଗେନ୍ଦ୍ର ପଟ୍ଟନାୟକ ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ରୀନାରାଣୀ ରାଉତରାୟ, ଅନୁକମ୍ପା ପହି, ସତୀଶ ବିଶ୍ୱାଳ, ସରୋଜ ସାହୁ, ମଧୁସ୍ମିତା ମିଶ୍ର, ମାଙ୍ଗଳିକା ମହାପାତ୍ର, ସ୍ରୋତସ୍ୱିନୀ ପରିଡା ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୧୬/ ମୂଲ୍ୟ ୭୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)